بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 06

ବାର୍ଷିକ ଦେୟ : 600/-

07 ଶାବାନ୍ 1446 ହି.କ, 06 ତବଲିଗ୍ 1404 ହି.ଶ, 06 Feb 2025 ମସିହା

www.akhbarbadr.in

### ଅଲ୍ଲାଃତାଲାଙ୍କ ବାଣୀ

یٰۤاَیُّهَا النَّاسُ اعۡبُدُوۡا رَبَّکُمُ الَّذِیۡ خَلَقَکُمۡ وَالَّذِیۡنَ مِنۡ قَبۡلِکُمۡ لَعَلَّکُمۡ تَتَّقُوۡنَ

(ଅଲ୍ ବକ୍ରାହ୍: 22)

**ଅନୁବାଦ:** ହେ ଲୋକମାନେ ! ନିଜ ପାଳନକର୍ତ୍ତାଙ୍କର ଉପାସନା କର ଯେ ତୁମମାନଙ୍କୁ ଓ ତୁମମାନଙ୍କ ପୂର୍‌ବବର୍ତ୍ତୀ ଲୋକମାନଙ୍କୁ ସୃଷ୍ଟି କରିଛନ୍ତି, ତା' ହେଲେ ତୁମେମାନେ ପ୍ରତ୍ୟେକ ପ୍ରକାରର ବିପଦରୁ ରକ୍ଷା ପାଇବ ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଅହେମଦିୟତ୍‌ର କେନ୍ଦ୍ର ଅର୍ଥାତ୍ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ 129ତମ ଜଲ୍‌ସା ସାଲାନା ସଫଳତା ଏବଂ କଲ୍ୟାଣପୂର୍ବକ ଅନୁଷ୍ଠିତ ହେଲା ।

ଯେତେବେଳେ ଆମେମାନେ ନ୍ୟାୟ ଦୃଷ୍ଟିରୁ ଦେଖୁ ସେତେବେଳେ ସମସ୍ତ ଅବତାରତ୍ୱ ସଂପ୍ରଦାୟ ମଧ୍ୟରୁ ସର୍ବୋଚ୍ଚ ସ୍ତରୀୟ ବୀର, ସାହସୀ ଏବଂ ଜୀବନ୍ତ ଅବତାର ଏବଂ ଜୀବନ୍ତ ଈଶ୍ୱରଙ୍କ ପ୍ରିୟାବତାର ରୂପେ କେବଳ ଓ କେବଳ ଜଣେ ବ୍ୟକ୍ତିଙ୍କୁ ହିଁ ଆମେମାନେ ପାଇଥାଉ । ଅର୍ଥାତ୍ ଅବତାରମାନଙ୍କର ଅଧିପତି, ଅବତାରମାନଙ୍କର ମର୍ଯ୍ୟାଦା ଏବଂ ସକଳ ଅବତାରଙ୍କ ଶିରୋମଣି ଏବଂ ଯିଏ ମନୋନୀତ ନବୀ, ସେ ହେଉଛନ୍ତି ହ. ମୁହମ୍ମଦ ସ.ଅ ଅଟନ୍ତି । ସେହି ମହାବତାରଙ୍କ ଅଧୀନ ଅର୍ଥାତ୍ ତାହାଙ୍କ ଆଦେଶ ତଥା ଉପଦେଶାବଳୀ ଓ ତାହାଙ୍କ ଆଜ୍ଞାବହତ୍ୱ ପ୍ରତି ଆନୁଗତ୍ୟ ପ୍ରକାଶ କରିବା ଦ୍ୱାରା ସେହି ଆଲୋକ ପ୍ରାପ୍ତ ହୋଇଥାଏ ଯାହା ତାହାଙ୍କ ପୂର୍ବେ ସହସ୍ର ବର୍ଷ ପର୍ଯ୍ୟନ୍ତ ପ୍ରାପ୍ତ ହୋଇପାରି ନଥିଲା ।

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦାବି ଏହିକି ଯେ, ଆପଣ ଅ.ସ କୁହନ୍ତି : "ମୁଁ ହେଉଛି ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଯାହାର ଆଗମନ ସଂକ୍ରାନ୍ତରେ ଆଁହଜରତ ସ.ଅ ଭବିଷ୍ୟବାଣୀ କରିଥିଲେ । ବର୍ତ୍ତମାନ ଆକାଶଲୋକରେ ଆଉ କୌଣସି ପ୍ରତିଶୃତ ମସିହ୍ ଆସିବ ନାହିଁ ଓ ନା ହିଁ କୌଣସି ଅଙ୍ଗୀକୃତ ମେହଦୀ ଆବିର୍ଭୂତ ହେବ ।"

ଆଁହଜରତ ସ.ଅ ପ୍ରତିଶୃତ ମସିହ୍ ଅ.ସଙ୍କ ସଂକ୍ରାନ୍ତରେ ଯେଉଁ ଭବିଷ୍ୟବାଣୀ ନିଦର୍ଶନ ରୂପେ ସୂଚନା ପ୍ରଦାନ କରିଥିଲେ ତାହା ଅକ୍ଷରେ ଅକ୍ଷରେ ପୂର୍ଣ୍ଣ ହେଲା। ଆପଣ ଅ.ସ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ସଂସାରବାସୀଙ୍କୁ ଆମନ୍ତ୍ରିତ କଲେ ଏବଂ ବିଶେଷ ରୂପେ ମୁସଲମାନମାନଙ୍କୁ ଆମନ୍ତ୍ରିତ କରି କହିଲେ, ହେ ମୁସଲମାନମାନେ ! ତୁମେମାନେ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ଅବଲୋକନ (ଦେଖ) କର ଏବଂ ବୁଝିବାକୁ ଚେଷ୍ଟା କର ଯେ, ତହିଁରେ ଅର୍ଥାତ୍ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ସ୍ୱୀକାର କରିବ ଦ୍ୱାରା ସୌଭ୍ୟଗ୍ୟ ପ୍ରାପ୍ତ ହୋଇଥାଏ ଏବଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ଆମେମାନେ ତାହାଙ୍କ ଆଦେଶାବଳୀକୁ ପାଳନ କରିଥାଉ ।

ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନେ ଅକାରଣରେ ବିରୋଧରୁ ନିବୃତ୍ତ ତଥା କ୍ଷାନ୍ତ ହୋଇଯାଆନ୍ତୁ, ମୁସଲମାନମାନେ ଉକ୍ତ କଥା ଥରୁଟିଏ ବିଚାର କରନ୍ତୁ ଯେ, କ'ଣ ଅଲ୍ଲାଃତାଲା ସେମାନଙ୍କୁ ପ୍ରଶ୍ନ କରିବେ ନାହିଁ ଯେ, ସେମାନେ ବିନ୍ ଅନୁସନ୍ଧାନ ବା ତଦନ୍ତରେ ବିରୋଧ କଲେ? କାରଣ ଅନେକ ଲୋକମାନେ ଯେଉଁମାନେ ମୌଲବୀ ଅଟନ୍ତି ଏବଂ ନିଜକୁ ମୌଲବୀ ବୋଲାନ୍ତି ସେମାନେ ବିନା ଅନୁସନ୍ଧାନ ବା ତଦନ୍ତରେ ସତ୍ୟବାଦୀର ବିରୋଧ ପ୍ରଦର୍ଶନ କରିଥାଆନ୍ତି । ତେଣୁ ଟିକିଏ ବିଚାର କର । ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ।

ଅଲ୍ଲାଃତାଲାଙ୍କର ଯେଉଁ ଏକେଶ୍ୱରବାଦକୁ ସଂସାର ଲୋକରେ ସ୍ଥାପିତ କରିବା ନିମନ୍ତେ ଆମମାନଙ୍କ ଠାରୁ ଦାବି କରାଯାଇଛି ସେହି ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଆମେମାନେ ଉଦ୍ୟମ କରିବା ଉଚିତ୍ । ଏହା ହିଁ ପ୍ରଭୁଙ୍କର ପ୍ରକୃତ ଅଧିକାର ତଥା କର୍ତ୍ତବ୍ୟ ନିର୍ବାହ ଅଟେ । ତେଣୁ ରସୁଲୁଲ୍ଲାଃ ସ.ଅଙ୍କ ଧ୍ୱଜା ସଂସାରଲୋକରେ ଫର୍ ଫର୍ ଉଡ଼ାଇବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ରହନ୍ତୁ । ପ୍ରଭୁଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ନିମନ୍ତେ ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ଯେପର୍ଯ୍ୟନ୍ତ ଉକ୍ତ ଲକ୍ଷ୍ୟକୁ ଆପଣମାନେ ପ୍ରାପ୍ତ କରି ନେଇ ନାହାନ୍ତି ଓ ଯେପର୍ଯ୍ୟନ୍ତ ଆପଣମାନେ ଉକ୍ତ ଉଦ୍ଦେଶ୍ୟକୁ ସାକାର କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ଆପଣମାନେ ଶାନ୍ତିରେ ବସନ୍ତୁ ନାହିଁ । ଉକ୍ତ ଲକ୍ଷ୍ୟ ତଥା ଉକ୍ତ ଅଭିପ୍ରାୟକୁ ପୂର୍ଣ୍ଣ ଏବଂ ଚରିତାର୍ଥ କରିବା ନିମନ୍ତେ ଆମେମାନେ ସମସ୍ତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ହୋଇଛେ ।

କାଦିୟାନ୍‌ର ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ସଦସ୍ୟବୃନ୍ଦଙ୍କୁ ଅଲ୍ଲାଃତାଲା ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ, ପ୍ରକୃତ ରୂପେ ଇସ୍‌ଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଏବଂ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ଭାବ ପରିପ୍ରକାଶ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଆପଣମାନେ ନିଜର ବୈଅତ୍‌ର ଅଧିକାରକୁ ଚରିତାର୍ଥକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । ଆପଣମାନେ ସେହି ସମସ୍ତ କଲ୍ୟାଣ ନେଇ ନିଜ ନିଜ ଘରକୁ ଫେରନ୍ତୁ । ଯେଉଁ କଲ୍ୟାଣ ସକାଶେ ଆପଣମାନେ ଉକ୍ତ ଜଲ୍‌ସାରେ ସାମିଲ୍ ହୋଇଥିଲେ ।

## M.T.A ଇଣ୍ଟରନ୍ୟାସ୍‌ନଲ୍ ମାଧ୍ୟମରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବଙ୍କ ଇସ୍‌ଲାମାବାଦ୍ ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଉଦ୍‌ଯାପନୀ ଉଦ୍‌ବୋଧନ ।

129ତମ ଜଲ୍‌ସା ସାଲାନା କାଦିୟାନ୍ ଡିସେମ୍ବର ମାସ 27, 28 ,29 ତାରିଖ, 2024 ମସିହାରେ ସଫଳତାପୂର୍ବକ ଆୟୋଜିତ ହୋଇ ସମାପ୍ତ ହେଲା । ତିନି ଦିନ ଧରି ଜଲ୍‌ସା ସାଲାନାର କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ ଏବଂ ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଦେଶ ବିଦେଶରୁ ଓ ଦର୍ଶକମାନେ ଉପକୃତ ହେଲେ । ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ 63,666 ଜଣ ବ୍ୟକ୍ତି ଜଲ୍‌ସାର କାର୍ଯ୍ୟକ୍ରମକୁ ଦେଖିଲେ ଏବଂ ଶୁଣିଲେ । 16000ରୁ ଊର୍ଦ୍ଧ୍ୱ ଅହେମଦିୟତ୍ ପ୍ରେମୀମାନେ ଉକ୍ତ ଜଲ୍‌ସାରେ ଅଂଶ ଗ୍ରହଣ କରିଥିଲେ । 42ଟି ଦେଶରୁ ମହିଳା ଓ ପୁରୁଷମାନେ ଉକ୍ତ ଜଲ୍‌ସାରେ ପ୍ରତିନିଧିତ୍ୱ କରିଥିଲେ । **M.T.A ଇଣ୍ଟରନ୍ୟାସନଲ୍ ମାଧ୍ୟମରେ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବଙ୍କ ଇସ୍‌ଲାମାବାଦ୍ ୟୁ.କେରୁ ଚକ୍ଷୁ ବର୍ଦ୍ଧକ ଉଦ୍‌ଯାପନୀ ଉଦ୍‌ବୋଧନ ।** ଜଲ୍‌ସାର ଉଦ୍‌ଯାପନୀ ଉଦ୍‌ବୋଧନରେ ୟୁ.କେ ଜମାଅତ୍‌ର ଜମାଅତ୍ ଅହେମଦିୟାର ସଦସ୍ୟବୃନ୍ଦମାନେ ଏକତ୍ରିତ ହେବା । କେତେକ ଆଫ୍ରିକୀୟ ଦେଶମାନଙ୍କରେ ଜଲ୍‌ସା ଏବଂ ଉଦ୍‌ଯାପନୀ ଉଦ୍‌ବୋଧନରେ ସେମାନଙ୍କର ଅଂଶ ଗ୍ରହଣ ନମାଜ ତେହଜ୍ଜୁଦ୍ ସହିତ ଶୁଭାରମ୍ଭ କରିଥିଲେ । ରସୁଲ୍, କୁର୍‌ଆନ୍ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିବେଶ ପରିପୂର୍ଣ୍ଣ ହେବା, ବିଦ୍ୱାନମାନଙ୍କର ତାତ୍ତ୍ୱିକପୂର୍ଣ୍ଣ ଭାଷଣ । 9ଟି ଭାଷାରେ କାର୍ଯ୍ୟକ୍ରମର ସିଧାସଳଖ ଅନୁବାଦ । ଜମାଅତ୍ ଅହେମଦିୟାର ଜ୍ଞାନରେ ଅଭିବୃଦ୍ଧିର କାରଣ, ସାଂସ୍କାରିକ ପ୍ରସଙ୍ଗ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ ଏବଂ ବିଭିନ୍ନ ସାଧାରଣ ଜ୍ଞାନ ଭିତ୍ତିକ ପ୍ରଦର୍ଶନୀର ଆୟୋଜନ । ନିକାହ୍ ଆଦିର ଘୋଷଣା । ମୁଦ୍ରିତ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମରେ ଜଲ୍‌ସାର କଭରେଜ । ଶାନ୍ତିପୂର୍ଣ୍ଣ ଏବଂ ସୁଖକର ବାତାବରଣ ମଧ୍ୟରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ନିଷ୍ପନ୍ନ ।

### ଡିସେମ୍ବର ମାସ 29 ତାରିଖ 2024 ମସିହାର ତୃତୀୟ ଦିନର ପ୍ରଥମ ଅଧିବେଶନ

ସମ୍ମାନନୀୟ ନାଜିର୍ ସାହେବ୍ ଆଲା ତଥା ଅମୀର୍ ଜମାଅତ୍ ଅହେମଦିୟା କାଦିୟାନ୍ ଠିକ୍ ପ୍ରାତଃ 10.00 ଘଟିକା ସମୟରେ ଲିୱାଏ ଅହେମଦିୟତ୍ (ଅହେମଦିୟା ଧ୍ୱଜା ଉତ୍ତୋଳନ) ଉଡ଼ାଇଲେ ଏବଂ ଦୁଆ କରାଇଲେ ।

ତୃତୀୟ ଦିନ ପ୍ରଥମ ଅଧିବେଶନର ସଭାପତିତ୍ୱ ସମ୍ମନାନୀୟ ମୌଲାନା ମୁନୀର୍ ଅହେମଦ ଖାଦିମ୍ ସାହେବ୍ ଅତିରିକ୍ତ ନାଜିର୍ ଇସଲାହ୍ ଓ ଇର୍ଶାଦ୍ ଜୁନିବୀ ହିନ୍ଦ୍ କଲେ । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ଯାମିୟା ଅହେମଦିୟା କାଦିୟାନ୍‌ର ଛାତ୍ର ହାଫିଜ୍ ୱକ୍କାସ୍ ରିଷି ସାହେବ କଲେ । ଉକ୍ତ ଆବୃତ୍ତିର ଉର୍ଦ୍ଦୁ ଅନୁବାଦ ନାଏବ୍ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା ସମ୍ମନନୀୟ ମୌଲାନା ତାହିର୍ ଅହେମଦ୍ ତାରିକ୍ ସାହେବ ଉପସ୍ଥାଲପିତ କଲେ । ଯାମିୟା ଅହେମଦିୟା କାଦିୟାନ୍‌ର ଛାତ୍ର ସମ୍ମାନନୀୟ ସାକିବ୍ ମେହ୍‌ମୁଦ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ କବିତା: مصطفیٰ پر تیرا بے حد ہو سلام اور رحمت ପାଠ କଲେ ।

ଜଲ୍‌ସାର ପ୍ରଥମ ଭାଷଣ "ଖତ୍‌ମେ ନବୁୱତ୍ ସଂକ୍ରାନ୍ତରେ ଜମାଅତ ଅହେମଦିୟାର ଆସ୍ଥା" ବିଷୟ ବସ୍ତୁ ଉପରେ ବିନୀତ ବକ୍ତୃତା (ଭାଷଣ) ପ୍ରଦାନ କଲା । ଭାଷଣର ସାରାଂଶ ଏହିକି ଯେ, ଜମାଅତ୍ ଅହେମଦିୟା ଉପରେ ଅଣଅହେମଦିଙ୍କ ପକ୍ଷରୁ ଅସଂଖ୍ୟ ଦୋଷାରୋପଣ କରାଯାଇଥାଏ । ସେହି ଅପତ୍ତି, ଦୋଷାରୋପ ମଧ୍ୟରୁ ଅତ୍ୟନ୍ତ କଷ୍ଟଦାୟ ଏବଂ ଭିତ୍ତିହୀନ ଆରୋପ ଏହିକି ଯେ, ସୟେଦିନା ହ. ମସିହ୍ ମଉଦ୍ ଅ.ସ ଏବଂ ମେହଦୀ ମାହୁଦ୍ (ପ୍ରତିଶୃତ ମସିହ୍ ଏବଂ ଅଙ୍ଗୀକୃତ ମେହ୍‌ଦୀ)ଙ୍କ ଜମାଅତ୍ ଆଁହଜରତ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ରୂପେ ସ୍ୱୀକାର କରୁ ନାହିଁ । ଏହା ଏପରି ମିଥ୍ୟା ତଥା ଭିତ୍ତିହୀନୀ ଆରୋପ ଯାହା ଆମମାନଙ୍କୁ ବ୍ୟଥିତ, ମର୍ମାହତ ଏବଂ କଷ୍ଟ ପହଞ୍ଚାଇଥାଏ । ଅତଏବ୍ ସର୍ବ ପ୍ରଥମେ ମୁଁ ଖାତମୁନ୍ ନବୀୟିନ୍ ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କ ହ. ମସିହ ମଉଦ୍ ଅ.ସଙ୍କ ଶପଥମୂଳକ ବର୍ଣ୍ଣନା ଉପସ୍ଥାପିତ କରି ଦେଉଛି । ଆପଣ ଅ.ସ କୁହନ୍ତି: "ମୁଁ ଈଶ୍ୱରଙ୍କ ମର୍ଯ୍ୟାଦା ଏବଂ ତାହାଙ୍କ, ଶ୍ରେଷ୍ଠତା ତଥା ପ୍ରତାପର ଶପଥ କରି କହୁଛି ଯେ, ମୁଁ ଏହି ବିଶ୍ୱାସ ରଖୁଛି ଯେ, ଆମ ପ୍ରିୟ ବାର୍ତ୍ତାବହ ମୁହମ୍ମଦ ମୁସ୍ତଫା ସ.ଅ ସକଳ ଅବତାରମାନଙ୍କ ମଧ୍ୟରୁ ଅତିଶ୍ରେଷ୍ଠ ଏବଂ ଖାତମୁନ୍ ନବୀୟିନ୍ ଅଟନ୍ତି ।"

**(ହମାମତୁଲ୍ ବୁଶ୍ରା, ଉର୍ଦ୍ଦୁ ଅନୁବାଦ, ପୃ-36)**

ଅନ୍ୟ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଏଠାରେ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ମୋ ଉପରେ ଏବଂ ମୋ ଜମାଅତ୍ ଉପରେ ବିରୋଧୀମାନେ ଯେଉଁ ଦୋଷାରାପଣ କରନ୍ତି ଯେ, ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ବୋଲି ସ୍ୱୀକାରେ କରୁ ନାହୁଁ, ଏହା ଆମ ଉପରେ ମହା ମିଥ୍ୟାମୂଳକ ଦୋଷାରୋପଣ ଅଟେ । ଆମେମାନେ ଯେଉଁ ବିଶ୍ୱାସିକ ଶକ୍ତି, ଅଧ୍ୟାତ୍ମ ପରିଚୟ ଏବଂ ଚକ୍ଷୁର ସହିତ ଆଁହଜରତ ସ.ଅଙ୍କୁ ଖାତମୁଲ୍ ଅମ୍ବିୟା ବୋଲି ସ୍ୱୀକାର କରୁ ଏବଂ ଖାତମୁନ୍ ନବୀୟିନ୍ ରୂପେ ବିଶ୍ୱାସ କରୁ । ଆମମାନଙ୍କର ଏହି ବିଶ୍ୱାସ ଏବଂ ସ୍ୱୀକାରର ଲକ୍ଷାଧିକ ଭାଗ ମଧ୍ୟ ସେମାନେ ଅର୍ଥାତ୍ ବିରୋଧୀମାନେ ଆଁହଜରତ ସ.ଅଙ୍କ ଅବତାରତ୍ୱ ଏବଂ ତାହାଙ୍କ ଖାତମୁନ୍ ନବୀ ହେବା ସ୍ୱୀକାର ଓ ବିଶ୍ୱାସ କରୁ ନାହାନ୍ତି । ସେମାନେ ଅର୍ଥାତ୍ ସେହି ବିରୋଧୀମାନେ ଉକ୍ତ ବାସ୍ତବତା ଏବଂ ରହସ୍ୟକୁ ଯାହାକି ଖାତମୁଲ୍ ଅମ୍ବିୟାର ଖତ୍‌ମେ ନବୁୱତ ମଧ୍ୟରେ ରହିଛି ତାହାକୁ ଆଦୌ ଜାଣନ୍ତି ନାହିଁ ଏବଂ ଜାଣିବାକୁ ଚେଷ୍ଟା ମଧ୍ୟ କରନ୍ତି ନାହିଁ । ସେମାନେ ନିଜର ପିତା ଏବଂ ଜେଜ, ଅଜା (ପିତୃପୁରୁଷ)ଙ୍କ ଠାରୁ ଗୋଟିଏ ଶବ୍ଦ ଅର୍ଥାତ୍ ଖତ୍‌ମେ ନବୁୱତ୍ ଶୁଣିଛନ୍ତି । କିନ୍ତୁ ଖତ୍‌ମେ ନବୁୱତ୍‌ର ବାସ୍ତବତା ଠାରୁ ସେମାନେ ଅପିରିଚିତ ଅଟନ୍ତି ଏବଂ ସେମାନେ ଏକଥା ଜାଣନ୍ତି ନାହିଁ ଯେ, ଖତ୍‌ମେ ନବୁୱତ୍ କ'ଣ ଓ ଖତ୍‌ମେ ନବୁୱତ୍ ଉପରେ ବିଶ୍ୱାସ ଆଣିବାର ଅର୍ଥ କ'ଣ ? କିନ୍ତୁ ଆମେ ହୃଦୟ ମଧ୍ୟରେ ଥିବା ପୂର୍ଣ୍ଣ ଦୃଷ୍ଟିଶକ୍ତି (ବୁଦ୍ଧିମତା, ବୁଦ୍ଧି ବିବେକ ଏବଂ ଚାତୁର୍ଯ୍ୟତା) (ଉକ୍ତ ଦୃଷ୍ଟି ଶକ୍ତି ସଂପର୍କରେ ଈଶ୍ୱର ହିଁ ସର୍ବଜ୍ଞ ଅଟନ୍ତି) ଆଁହଜରତ ସ.ଅଙ୍କ ଖାତମୁଲ୍ ଅମ୍ବିୟାର ବାସ୍ତବତାକୁ ଏପରି ଭାବରେ ଉନ୍ମୁକ୍ତ (ଖୋଲି) କରି ଦେଇଛନ୍ତି ଯେ, ଉକ୍ତ ପରିଚୟର ସରବତରୁ ଆମମାନଙ୍କୁ ଯେଉଁ ସର୍ବତ ପାନ କରାଯାଇଅଛି ତହିଁରୁ ଆମେମାନେ ଏକ ବିଶେଷ ପ୍ରକାରର ସ୍ୱାଦ ଆସ୍ୱାଦିତ କରିଥାଉ । ଯେଉଁ ଲୋକମାନେ ଉକ୍ତ ନିର୍ଝର (ଝରଣା)ରୁ ସେଚିତ ହୋଇଥାଆନ୍ତି ସେହି ଲୋକମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ସ୍ୱାଦ ସଂପର୍କରେ କଳନା ମଧ୍ୟ କରି ପାରିବ ନାହିଁ । **(ମଲ୍‌ଫୁଜାତ୍, ଭାଗ-1, ପୃ-227, ପ୍ରକାଶନ ସ୍ଥାନ, କାଦିୟାନ୍-2003 ମସିହା)**

ହ. ମସିହ୍ ମଉଦ୍ ଅ.ସ କହିଲେ, ଅତଏବ୍ ଯେଉଁ ବିଶ୍ୱାସ ଏବଂ ଚାକ୍ଷୁଷିକତା (ହୃଦୟ ମଧ୍ୟରେ ଥିବା ଚକ୍ଷୁ)ର ସହିତ ପ୍ରତିଶୃତ ମସିହ୍ ଅ.ସ ଏବଂ ଆପଣ ଅ.ସଙ୍କ ସଂପ୍ରଦାୟ ଆଁହଜରତ ସ.ଅଙ୍କୁ ଖାତମୁନ୍ ନବୀୟିନ୍ ରୂପେ ସ୍ୱୀକାର କରୁଛି ଯେଉଁ ବିରୋଧୀମାନେ ନିଜକୁ ଖତ୍‌ମେ ନବୁୱତ୍‌ର ରକ୍ଷକୁ ରୂପେ ବୋଲାଇ ଥାଆନ୍ତି ତାହାର ଲକ୍ଷାଧିକ ଅଂଶ ମଧ୍ୟ ସେମାନେ ଆଁହଜରତ ସ.ଅଙ୍କ ଖାତମୁନ୍ ନବୀୟନ୍‌କୁ ସ୍ୱୀକାର କରନ୍ତି ନାହିଁ ।

ବକ୍ତା ମହୋଦୟ ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଏବଂ ଆହାଦିସେ ନବୱିୟାର ପ୍ରାମାଣ୍ୟ ମଧ୍ୟରୁ ପ୍ରମାଣ ଉପସ୍ଥାପିତ କରି କହିଲେ, ଉମ୍ମତି ନବୁୱୁତ୍ (ଇସ୍‌ଲାମ୍ ଧର୍ମରୁ ଆବିର୍ଭୂତ ହେବାକୁ ଥିବା ଅବତାର)ର ମାର୍ଗ କେବେ ବନ୍ଦ ହୋଇ ନାହିଁ । ଏଥି ସଂକ୍ରାନ୍ତରେ ବକ୍ତା ମହୋଦୟ ଇସ୍‌ଲାମ୍ ଧର୍ମର ବିଦ୍ୱାନ୍‌ମାନଙ୍କର ପ୍ରାମାଣ୍ୟମାନ ଉପସ୍ଥାପିତ କିରଛନ୍ତି । ସେହିପରି ଖତ୍‌ମେ ନବୁୱତ୍‌ର ବାସ୍ତବତା ଏବଂ ଆଁହଜରତ ସ.ଅଙ୍କ ମହାନ୍ ମର୍ଯ୍ୟାଦା ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କ ଉପଦେଶାବଳୀ ଉପସ୍ଥାପିତ କଲେ । ସେହିପରି ଆପଣ ଅ.ସ କହିଲେ, ଖାତମୁନ୍ ନବୀୟିନ୍‌ର ଅର୍ଥ ଏହିକି ଯେ, ଆଁହଜରତ ସ.ଅ ହେଉଛନ୍ତି ଶେଷ ଧର୍ମ ବୈଧାନିକ ନବୀ। ଆପଣ ସ.ଅଙ୍କ ଉପରେ ଧର୍ମ ବୈଧାନିକ ଅବତାରତ୍ୱର ସମସ୍ତ ଚମତ୍କାରିକ ଗୁଣାବଳୀ ସମାପ୍ତ ହୋଇଯାଇଛି । ସେହିପରି ଆପଣ ଅ.ସ କହିଲେ, ଖାତମୁନ୍ ନବୀୟନ୍‌ର ଅର୍ଥ ଏହା କଦାପି ନୁହଁ ଯେ, ଆଁହଜରତ ସ.ଅଙ୍କ ପରେ କୌଣସି ଉମ୍ମତି (ଅର୍ଥାତ୍ ଉକ୍ତ ଧର୍ମରୁ ହିଁ ଜଣେ ଅବତାର ଆବିର୍ଭୂତ ହେବ) ଅବତାର ଆସି ପାରିବ ନାହିଁ । ବରଂ ବକ୍ତା ମହୋଦୟ ହ. ମସିହ୍ ମଉଦ୍ ଅ.ସଙ୍କ ନିମ୍ନ ଲିଖିତ ଆଦେଶାବଳୀ ଉପସ୍ଥାପିତ କରି ନିଜର ଭାଷଣକୁ ସମାପ୍ତ କଲେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସଂସାରର ଉଦାହରଣ ମଧ୍ୟରୁ ଆମେମାନେ ଖତ୍‌ମେ ନବୁୱତର ଉଦାହରଣ ଏହିପରି ଉପସ୍ଥାପିତ କରିପାରିବା ଯେ, ଯେପରିକି ଚନ୍ଦ୍ର ହିଲାଲ୍ (ନୂତନ ଚନ୍ଦ୍ର) ଠାରୁ ଆରମ୍ଭ ହୋଇଥାଏ ଏବଂ 14 ତାରିଖରେ ଆସି ସେହି ଚନ୍ଦ୍ର ପୂର୍ଣ୍ଣ ଚନ୍ଦ୍ରର (ପୂର୍ଣ୍ଣିମାର) ରୂପ ଧାରଣ କରିଥାଏ । ତେଣୁ ସେହି ପୂର୍ଣ୍ଣ ଚନ୍ଦ୍ରକୁ ସେତେବେଳେ ବଦର୍ ବୋଲି କୁହାଯାଇଥାଏ । ଠିକ୍ ସେହିପରି ଆଁହଜରତ ସ.ଅଙ୍କ ଅବତାରତ୍ୱର ଅପୂର୍ବ ଏବଂ ଅନନ୍ୟ ଚମତ୍କାରିକ ଗୁଣାବଳୀ ସମାପ୍ତ ହୋଇଯାଇଛି । ଯେଉଁ ଲୋକମାନେ ଏହି ମତ ପୋଷଣ କରନ୍ତି ଯେ, ଅବତାରତ୍ୱ ବଳପୂର୍ବକ ସମାପ୍ତ ହୋଇଯାଇଛି ଏବଂ ଆଁହଜରତ ସ.ଅଙ୍କୁ ୟନୁସ୍ ବିନ୍ ମତାଙ୍କ ଉପରେ ପ୍ରାଧାନ୍ୟ ଦେବା ଅନୁଚିତ୍ । ସେମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗମ କରି ନାହାନ୍ତି ଏବଂ ଆଁହଜରତ ସ.ଅଙ୍କ ମାହାତ୍ମ୍ୟ, ମର୍ଯ୍ୟାଦା ଓ ଚମ୍‌କାରିକତା ସଂପର୍କରେ କୌଣସି ସେମାନଙ୍କୁ କୌଣସି ଜ୍ଞାନ ନାହିଁ । ଉକ୍ତ ଦୁର୍ବଳ ହୃଦ୍‌ବୋଧ ଏବଂ ଦୁର୍ବଳ ଜ୍ଞାନ ସତ୍ତ୍ୱେ ସେମାନେ ଆମମାନଙ୍କୁ କୁହନ୍ତି ଯେ, ଆମେମାନେ କୁଆଡ଼େ ଖତ୍‌ମେ ନବୁୱତ୍‌ର ପ୍ରତ୍ୟାଖ୍ୟାନକାରୀ ଅଟୁ । ମୁଁ (ହ. ମସିହ୍ ମଉଦ୍ ଅ.ସ) ଏପରି ରୋଗୀମାନଙ୍କୁ କ'ଣ କହିବି ଏବଂ ସେମାନଙ୍କ ଉପରେ କ'ଣ ବା ଦୁଃଖ ଏବଂ ପରିତାପ ବ୍ୟକ୍ତ କରିବି ? ଯଦି ସେମାନଙ୍କର ଏତାଦୃଶ ଅବସ୍ଥା ହୋଇ ନଥାଆନ୍ତା ଏବଂ ସେମାନଙ୍କୁ ଇସ୍‌ଲାମ୍ ଧର୍ମର ବାସ୍ତବତା ଠାରୁ ଦୂରେଇ ଯାଇ ନଥାଆନ୍ତେ ତେବ ମୋ (ହ. ମସିହ୍ ମଉଦ୍ ଅ.ସଙ୍କ)ଆଗମନର କୌଣସି ଆବଶ୍ୟକତା କାହିଁକି ଥିଲା ? ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସଙ୍କ ଆଗନର କୌଣସି ଆବଶ୍ୟକତା ନଥାଆନ୍ତା । ସେହି ରୁଗ୍‌ଣ ମାନସିକତା ପୋଷଣ କରୁଥିବା ଆମର ଇସ୍‌ଲାମୀୟ ଭ୍ରାତୃବୃନ୍ଦଙ୍କ ବିଶ୍ୱାସିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ଏବଂ **(ଅବଶିଷ୍ଟାଂଶ....ପୃ-10ରେ)**

## (ଖୁତ୍‌ବା ଜୁମା)

ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ବେଳ (ସମୟ) ଥିଲା ଯେ, ମୋତେ ସମଗ୍ର ସଂସାରରେ ଆପଣ ସ.ଅଙ୍କ ଅସ୍ତିତ୍ୱ, ଆପଣ ସ.ଅଙ୍କ ଧର୍ମ, ଆପଣ ସ.ଅଙ୍କ ସହର ସହିତ ସବୁଠୁ ବେଶୀ ଶତ୍ରୁତା ରହିଥିଲା । କିନ୍ତୁ ବର୍ତ୍ତମାନ ମୋତେ ଆପଣ ସ.ଅଙ୍କ ଅସ୍ତିତ୍ୱ, ଆପଣ ସ.ଅଙ୍କ ଧର୍ମ ଏବଂ ଆପଣ ସ.ଅଙ୍କ ସହର ସବୁଠୁ ବେଶୀ ପ୍ରିୟ ଓ ଭଲ ଲାଗୁଛନ୍ତି । (ସମମା ବିନ୍ ଅସାଲ୍)

سَرِیَّہ قُرْطَاء (ସରିୟା କୁରତାଆ)ର ପରିସ୍ଥିତି ଓ ଘଟଣାବଳୀର ସବିଶେଷ ବିବରଣୀ ।

ୟୁ.କେର ଶ୍ରୀଯୁକ୍ତ ସ୍ୱର୍ଗତ ଅବ୍‌ଦୁଲ୍ ଲତିଫ୍ ଖାନ୍ ସାହେବ, ଅଧୁନା ରାୱଲପିଣ୍ଡି ଜିଲ୍ଲାର ରାଜନପୁର ଅନ୍ତର୍ଗତ ଶ୍ରୀଯୁକ୍ତ ସ୍ୱର୍ଗତ ଶହୀଦ୍ ତୈୟେବ୍ ଅହେମଦ ସାହେବ, ଗାଜାର ପ୍ରିୟ ବାଳକ ସ୍ୱର୍ଗତ ଅବୁ ଆୱାଦ୍ ସାହେବ, କାଦିୟାନର ଦରୱେଶ୍ ମୁହମ୍ମଦ୍ ଅୟୁବ୍ ବଟ୍ ସାହେବ, ଆମେରିକାର ଶ୍ରୀଯୁକ୍ତ ସ୍ୱର୍ଗତ ଡାକ୍ତର ମସଉଦ୍ ଅହମଦ୍ ମଲକ୍ ସାହେବ, ଶ୍ରୀଯୁକ୍ତ ସ୍ୱର୍ଗତ ଶବ୍‌ବିର୍ ଅହେମଦ ଲୋଧି ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଓ ହାଜିର ଯନାଜାଃ ପାଠ ।

**13 DECEMBER 2024 ମସିହା ଅନୁଯାୟୀ ୧୩ ନବୁୱତ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

بِاللّٰہِ مِنَ الشَّیْطٰنِ الرَّجِیْمِ۔ بِسۡمِ اللّٰہِ الرَّحۡمٰنِ الرَّحِیۡمِ۔ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ۔ الرَّحۡمٰنِ الرَّحِیۡمِ۔ مٰلِکِ یَوۡمِ الدِّیۡنِ۔ اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ۔ اِہۡدِنَا الصِّرَاطَ الۡمُسۡتَقِیۡمَ۔ صِرَاطَ الَّذِیۡنَ اَنۡعَمۡتَ عَلَیۡہِمۡ۔ غَیۡرِ الۡمَغۡضُوۡبِ عَلَیۡہِمۡ وَ لَا الضَّآلِّیۡنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଆଜି ଏକ ସରିୟା (ଯେଉଁ ଯୁଦ୍ଧରେ ଆଁହଜରତ ସ.ଅ ସାମିଲ୍ ହୋଇ ନଥିଲେ)ର ଚର୍ଚ୍ଚା କରିବି । ସେହି ସରିୟା سَرِیَّہ قُرْطَاء ସରିୟା କୁରତାଆ ନାମରେ ନାମିତ ଅଟେ । ଉକ୍ତ ସରିୟା 10 ମୁହର୍ରମ୍, 6 ହିଜ୍ରୀରେ ହୋଇଥିଲା । ଆଁହଜରତ ସ.ଅ ହ. ମୁହମ୍ମଦ୍ ବିନ୍ ମସଲମାଙ୍କୁ 30 ଅଶ୍ୱାରୋହୀଙ୍କ ସମେତ କୁରତାଆ ଅଭିମୁଖେ ପ୍ରେରଣ କରିଥିଲେ।

କୁରତାଆ ବନୁ ବକର୍ ବିନ୍ କିଲାବ ଏକ ଶାଖା ଥିଲା । ଉକ୍ତ ଶାଖା ଜରିୟାହ୍‌ର ଆଖପାଖରେ ବକ୍ରାତ୍ ନାମକ ସ୍ଥାନରେ ରହୁଥିଲେ । ବକ୍ରାତ୍ ମଦିନା ଠାରୁ 7 ରାତ୍ର ଦୂରତାରେ ଅବସ୍ଥିତ ଥିଲା । ଜରିୟାହ୍ ବନୁ କିଲାବ୍‌ର ଏକ ବହୁ ପୁରାତନ ବସ୍ତି ଥିଲା । ପୁରାତନ ଇତିହାସରେ ଯେଉଁ ବର୍ଣ୍ଣନା ମିଳେ ତଦନୁଯାୟୀ ବକ୍ରାତ୍ ମଦିନାରୁ 7 ରାତ୍ର ବ୍ୟବଧାନରେ ଅବସ୍ଥିତ ଥିଲା । ଆଜିକାଲି ତ' ଦୂରତା ଅତି କମ ହୋଇଯାଇଥିବ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଜରିୟାହ୍ ମଦିନା ଠାରେ ଗୋଟିଏ କିମ୍ବା ଦୁଇ ରାତ୍ର ବ୍ୟବଧାନରେ ଅବସ୍ଥିତ ଥିଲା । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-60,ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-663-664) (ଜୀବନୀ ଶବ୍ଦକୋଷ, ପୃ-60, 233, ଜୱାର୍ ଏକାଡ଼େମୀ, କରାଚୀ) (ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-71, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସେହି 30 ଜଣ ସାହାବାମାନଙ୍କ ମଧ୍ୟରେ ହ. ଅବ୍‌ବାଦ୍ ବିନ୍ ବିଶର୍ ର.ଅ, ସଲ୍‌ମା ବିନ୍ ସଲାମା ର.ଅ, ହ. ହାରିସ୍ ବିନ୍ ଖଜ୍‌ମା ର.ଅ ଆଦି ସାହାବାମାନେ ସାମିଲ୍ ଥିଲେ । ରସୁଲୁଲ୍ଲାଃ ସ.ଅ ସେହି ସୈନ୍ୟବାହିନୀକୁ ରାତ୍ର ସମୟରେ ଚାଲିବା ଅର୍ଥାତ୍ ଅଗ୍ରସର ହେବା ଓ ଦିନ ବେଳା ଲୁଚିବା ଶତ୍ରୁ ଉପରେ ସହସା ଆକ୍ରମଣ କରିବା ନିମନ୍ତେ ଆଦେଶ ଦେଲେ । ଏପର୍ଯ୍ୟନ୍ତକି ଯେତେବେଳେ ସେ ଶରବ୍‌ବାହ୍ (ଶରବ୍‌ବାହ୍ ହେଉଛି ନଜଦ୍‌ର ଏକ ସ୍ଥାନର ନାମ) ନାମକ ସ୍ଥାନରେ ଥିଲେ ସେତେବେଳେ ତାଙ୍କୁ କେତେକ ସବାରୀଗୁଡ଼ିକ ଦେଖିବାକୁ ମିଳିଲା । ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ନିଜର ଜଣେ ସାଥିକୁ ପ୍ରେରଣ କଲେ ଯେ, ସେ ସେହି ସବାରୀବାଲାଙ୍କୁ ପଚାରୁ ଯେ, ସେମାନେ କିଏ ଅଟନ୍ତି ? ଅତଏବ୍ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅଙ୍କ ସାଥି ଯାଇ ଏହି ସୂଚନା ଆଣିଲେ ଯେ, ସେହି ସବାରୀବାଲାମାନେ ମୁହାରିବ୍ ସଂପ୍ରଦାୟର ଲୋକମାନେ ଅଟନ୍ତି । ସେମାନେ ପାଖରେ ହିଁ ଶିବିର ପକାଇଥିଲେ ଏବଂ ନିଜର ଜୀବମାନଙ୍କୁ ଚରିବା ନିମନ୍ତେ ଛାଡ଼ିଛନ୍ତି । ଏପର୍ଯ୍ୟନ୍ତକି ମୁସଲମାନମାନେ ସେମାନଙ୍କୁ ଏତେ ସମୟ ଦେଲେ ସେମାନଙ୍କର ଜୀବମାନେ ଜଳକୁଣ୍ଡର ଚତୁର୍ପାର୍ଶ୍ୱରେ ଯେତେବେଳେ ବସିଗଲେ ସେତେବେଳେ ମୁସଲମାନମାନେ ସେହି ଲୋକମାନଙ୍କ ଉପରେ ଆକ୍ରମଣ କରିଦେଲେ । ମୁସଲମାନମାନେ ତନ୍ମଧ୍ୟରୁ କେତେକ ଲୋକଙ୍କୁ ବଧ କରିଦେଲ ଓ ଅନ୍ୟମାନେ ସମସ୍ତ ପଳାୟନ କଲେ । ଯେଉଁମାନେ ପଳାୟନ କଲେ ମୁସଲମାନମାନେ ସେମାନଙ୍କର ପିଛା କଲେ ନାହିଁ । ସାହାବାମାନେ ଓଟ ଏବଂ ଅନ୍ୟ ଜୀବମାନଙ୍କୁ ଘଉଡ଼ାଇ ନେଲେ । କିନ୍ତୁ ମହିଳାମାନଙ୍କୁ ସାହାବାମାନେ କିଛି କହିଲେ ନାହିଁ ।

ଏତଦ୍‌ପରେ ମୁସଲମାନମାନେ ସେଠାରୁ ବାହାରି ପଡ଼ିଲେ ଏବଂ ଯେତେବେଳେ ସେମାନେ ଏପରି ଏକ ସ୍ଥାନରେ ପହଞ୍ଚିଲେ ଯେଉଁଠି ସେମାନେ ବନୁ ବକର ଉପରେ ନଜର ରଖିପାରିବେ । ଅତଏବ୍ ହ. ମୁହମ୍ମଦ୍ ବିନ୍ ମସ୍‌ଲମା ର.ଅ ହ. ଆଏଦ୍ ବିନ୍ ବୁସର୍ ର.ଅଙ୍କୁ ବନୁ ବକର ଅଭିମୁଖେ ପରିସ୍ଥିତି ସଂପର୍କରେ ଅବଗତ ହେବା ନିମନ୍ତେ ପ୍ରେରଣ କଲେ । ହ. ଆଏଦ୍ ବିନ୍ ବୁସର୍ ର.ଅ ଫେରି ଆସି ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅଙ୍କୁ ପରିସ୍ଥିତି ସଂପର୍କରେ ଅବଗତ କଲେ । ପୁନଶ୍ଚ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅଙ୍କ ସହିତ ନିଜର ସାଥିମାନଙ୍କ ସହିତ ବାହାରିଲେ ଏବଂ ବନୁ ବକର୍ ଉପର୍ ଆକ୍ରମଣ କରିଦେଲେ । ସେହି ଲୋକମାନଙ୍କ ମଧ୍ୟରୁ ହ. ମୁହମ୍ମଦ ବିନ୍ ମସ୍‌ଲାମ ଓ ତାଙ୍କର ସାଥିମାନେ 10 ଜଣ ବ୍ୟକ୍ତିଙ୍କୁ ବଧ କରିଦେଲେ ଏବଂ ଓଟ ତଥା ଛେଳୀମାନଙ୍କୁ ଘଉଡ଼ାଇ ଆଣିଲେ ଓ ମଦିନା ଆଡ଼କୁ ଦ୍ରୁତ ଗତିରେ ପ୍ରସ୍ଥାନ କଲେ। ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ ନିଜର କେତେକ ସାଥିମାନଙ୍କୁ ଛେଳୀମାନଙ୍କ ସମେତ ପଛରେ ଛାଡ଼ିଦେଲେ ଏବଂ ଓଟମାନଙ୍କୁ ଘଉଡ଼ାଇ ଆଣି ରସୁଲୁଲ୍ଲାଃ ସ.ଅଙ୍କ ସମକ୍ଷରେ ପହଞ୍ଚିଗଲେ । ଏତଦ୍‌ପରେ ଛେଳୀମାନେ ମଧ୍ୟ ପହଞ୍ଚିଗଲେ। ରସୁଲୁଲ୍ଲାଃ ସ.ଅ ସେହି ଛେଳୀମାନଙ୍କ ମଧ୍ୟରୁ ପଞ୍ଚମାଂଶ କାଢିଲେ ଏବଂ ଅନ୍ୟ ସମସ୍ତ ଛେଳୀମାନଙ୍କୁ ହ. ମୁହମ୍ମଦ୍ ବେନ୍ ମସ୍‌ଲମା ର.ଅଙ୍କ ସାଥିମାନଙ୍କ ମଧ୍ୟରେ ବାଣ୍ଟିଦେଲେ । ଗୋଟିଏ ଓଟକୁ 10ଟି ଛେଳୀ ତୁଲ୍ୟ ରଖାଗଲା । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-71, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତରୁ ଉଦ୍ଧୃତ) (ଜୀବନୀ ଶବ୍ଦକୋଷ, ପୃ-60, 217, ଜୱାର୍ ଏକାଡ଼େମୀ, କରାଚୀ)**

ଉକ୍ତ ଅଭିଯାନ ନିମନ୍ତେ ହ. ମୁହମ୍ମଦ ବିନ୍ ମସ୍‌ଲମା ର.ଅ 19 ରାତ୍ର ପର୍ଯ୍ୟନ୍ତ ମଦିନାରୁ ବାହାରେ ରହିଥିଲେ ଏବଂ 29 ମୁହର୍ରମ, 6 ହିଜ୍ରୀକୁ ଆପଣ ର.ଅ ମଦିନା ଫେରି ଆସିଲେ ।

**(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-6, ପୃ-71, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାରେ ବିଭିନ୍ନ ପୁସ୍ତକରୁ, ଇତିହାସରୁ ହ. ମିର୍ଜା ସାହେବ ର.ଅ ଯେଉଁ ଲେଖନୀ ସଂପର୍କରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି ତାହା ଏହିପିର ଯେ, "ବର୍ତ୍ତମାନ 6 ହିଜ୍ରୀ ଆରମ୍ଭ ହୋଇଥିଲା ଏବଂ କମ୍‌ରୀ ମାସ ପୂର୍ବରୁ ଅର୍ଥାତ୍ ମୁହର୍ରମ୍ ମାସର ପ୍ରାରମ୍ଭିକ ତାରିଖ ଥିଲା । ଆଁହଜରତ ସ.ଅଙ୍କୁ ନଜଦ୍ ବାସୀଙ୍କ ପକ୍ଷରୁ ବିପଦ ସଂପର୍କରେ ସୂଚନା ମିଳିଲା । ଏହି ଆଶଙ୍କା କୁରତାଆ ସଂପ୍ରଦାୟ ପକ୍ଷରୁ ଥିଲା । ଉକ୍ତ କୁରତାଆ ବନୁ ବକର୍ ସଂପ୍ରଦାୟର ଏକ ଶାଖା ଥିଲା ଓ ନଜଦ୍‌ର ଜରିୟାହ୍ ନାମକ ଅଞ୍ଚଳରେ ବାସ କରୁଥିଲା ।"ଉକ୍ତ ସଂପ୍ରଦାୟମଦିନା ଠାରୁ ସାତ ରାତ୍ରର ଦୂରତାରେ ଅବସ୍ଥିତ ଥିଲା । ଉକ୍ତ ସୂଚନା ପାଇଁ ଆଁହଜରତ ସ.ଅ ତୁରନ୍ତ 30 ଜଣ ଆରୋହୀମାନଙ୍କର ଏକ କ୍ଷୁଦ୍ର ସୈନ୍ୟବାହିନୀ ମୁହମ୍ମଦ୍ ବିନ୍ ମସଲମା ଅନସାରୀ ର.ଅଙ୍କ ନେତୃତ୍ୱରେ ନଜଦ୍ ଅଭିମୁଖେ ପ୍ରେରଣ କଲେ । କିନ୍ତୁ ଅବିଶ୍ୱାସକାରୀମାନଙ୍କ ହୃଦୟରେ ଏପରି ଭୟ ସୃଷ୍ଟି ହେଲା ଯେ, ସେମାନେ ସାଧାରଣ ମୁକାବିଲା କରିବା ପରେ ପଳାୟନ କଲେ ଏବଂ ସାଂପ୍ରତିକ ଯୁଗର ପନ୍ଥାନୁଯାୟୀ ମୁସଲମାନମାନଙ୍କ ନିମନ୍ତେ ଏହା ଏକ ଅବସର ଥିଲା ଯେ, ସେମାନେ ଶତ୍ରୁ ପକ୍ଷର ମହିଳା ତଥା ପିଲାମାନଙ୍କୁ ବନ୍ଦୀ କରି ନେଉଥିଲେ । କାରଣ ଶତ୍ରୁ ସେମାନଙ୍କୁ ଛାଡ଼ି ପଳାଇଥିଲା । କିନ୍ତୁ ମୁହମ୍ମଦ୍ ବିନ ମସ୍‌ଲମା ମହିଳା ଏବଂ ଛୋଟ ପିଲାମାନଙ୍କୁ କୌଣସି କଷ୍ଟ ଦେଲେ ନାହିଁ ଏବଂ ସେମାନଙ୍କୁ କୌଣସି ହାନୀ ପହଞ୍ଚାଇଲେ ନାହିଁ । କିନ୍ତୁ ହ. ମୁହମ୍ମଦ ବିନ୍ ମସ୍‌ଲମା ସାଧାରଣ ମାଲେ ଗନିମତ୍ ନେଇ ଓଟ ଏବଂ ଛେଳୀମାନଙ୍କୁ ଧରି ମଦିନା ଆଡ଼କୁ ଫେରି ଆସିଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-662-663)**

ଉପରୋକ୍ତ ଘଟଣାରୁ ଏହା ସ୍ପଷ୍ଟ ହୋଇଗଲା ଯେ,ଶତ୍ରୁପକ୍ଷ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରୁଥିଲା କି ଉକ୍ତ ଯୋଜନାକୁ ପଣ୍ଡ ଏବଂ ପ୍ରତିହତ କରିବା ନିମନ୍ତେ ଆଁହଜରତ ସ.ଅ ସୈନ୍ୟବାହିନୀ ପ୍ରେରଣ କରିଥିଲେ। ଆଁହଜରତ ସ.ଅ ସେଠାରେ ମଧ୍ୟ ନମ୍ରତା ପ୍ରଦର୍ଶ କରିଥିଲେ । ଅର୍ଥାତ୍ ମହିଳା ଏବଂ ଛୋଟ ଛୁଆମାନଙ୍କୁ କିଛି କୁହାଗଲା ନାହିଁ କି ସେମାନଙ୍କର କୌଣସି ଅନିଷ୍ଟ ସାଧାନ କରାଗଲା ନାହିଁ । ଇତ୍ୟବସରରେ ସମାମା ବିନ୍ ଉସାଲ୍‌ଙ୍କ ବନ୍ଦୀ ହେବାର ଓ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସଂକ୍ରାନ୍ତରେ ଚର୍ଚ୍ଚା ମଧ୍ୟ ମିଳେ । ଅର୍ଥାତ୍

ସରିୟା କୁରତାଆ ଅଭିଯାନରୁ ପ୍ରତ୍ୟାବର୍ତ୍ତନ ସମୟରେ ସୁମାମା ବିନ୍ ଉସାଲ୍ ବନ୍ଦୀ ହେବାର ଘଟଣା ଘଟିଥିଲା । ଉକ୍ତ ବ୍ୟକ୍ତି ଜଣକ ୟମାମାର ଅଧିବାସୀ ଥିଲା ଏବଂ ବନୁ ହନ୍ଫିୟାହ୍ ସଂପ୍ରଦାୟର ଜଣେ ପ୍ରତିପତ୍ତି ଓ ପ୍ରଭାବଶାଳୀ ଅଧିପତି ଥିଲା । ଉକ୍ତ ଅଧିପତି ଜଣକ ଇସଲାମ୍ ଧର୍ମ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାରେ ଏତେ ଆଗକୁ ବଢି ଯାଇଥିଲା ଯେ, ସେ ସର୍ବଦା ନିରୀହ ଏବଂ ନିର୍ଦ୍ଦୋଷ ମୁସଲମାନମାନଙ୍କୁ ହତ୍ୟା କରିବା ନିମନ୍ତେ ସର୍ବାଦ ତତ୍ପର ରହୁଥିଲା । ସୁତରାଂ ଏକଦା ଆଁହଜରତ ସ.ଅଙ୍କ ଜଣେ ରାଜଦୂତ ସେହି ଅଞ୍ଚଳକୁ ଯେତେବେଳେ ଗଲା ସେତେବେଳେ ସେହି ଅଧିପତି ଜଣକ ଯୁଦ୍ଧର ସମସ୍ତ ନିୟମାବଳୀକୁ ଅମାନ୍ୟ କରି ଉକ୍ତ ରାଜଦୂତକୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର ରଚିଲା । ସେହି ଅଧିପତି ଜଣକ କେବଳ ଷଡ଼ଯନ୍ତ୍ର ରଚିଲା ନାହିଁ ବରଂ ଏକଦା ସ୍ୱୟଂ ଆଁହଜରତ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ମଧ ସ୍ଥିର କରିଥିଲା ।

ଯେତେବେଳେ ମୁହମ୍ମଦ୍ ବିନ୍ ମସ୍ଲାମଙ୍କ ଦଳ ସମାମାକୁ ଗିରଫ କରି ଆଣିଲା ସେତେବେଳେ ତାଙ୍କୁ ଉକ୍ତ କଥା ଜ୍ଞାତ ନଥିଲା ଯେ, ଉକ୍ତ ବ୍ୟକ୍ତି ଜଣକ କିଏ ? ତେଣୁ ହ. ମୁହମ୍ମଦ୍ ବିନ୍ ମସ୍ଲମା ତା'କୁ ସନ୍ଦେହରେ ଗିରଫ ଏବଂ ବନ୍ଦୀ କରି ନେଇଥିଲେ। ଯେତେବେଳେ ହ. ମୁହମ୍ମଦ୍ ବିନ୍ ମସ୍ଲମାଙ୍କୁ ଜ୍ଞାତ ହେଲା ଯେ, ସମାମାର ଅଭିଜ୍ଞ ଚତୁରତାରେ ସହିତ ନିଜର ସତ୍ୟତା ପ୍ରକାଶିତ ହେବାକୁ ଦେଇ ନାହିଁ। କାରଣ ସେ ଜାଣିଥିଲା ଯେ, ସେ ଇସ୍ଲାମ୍ ଧର୍ମ ବିରୁଦ୍ଧରେ ଭୟଙ୍କର ଅପରାଧ କରି ସାରିଛି। ଯଦି ଇସ୍ଲାମ୍ ଧର୍ମର ସେହି ସ୍ୱାଭିମାନୀ ସିପାହୀମାନଙ୍କୁ ଉକ୍ତ କଥା ଜ୍ଞାତ ହୋଇଗଲା ଯେ, "ମୁଁ (ସମାମା) କିଏ, ତେବେ ସେମାନେ ସମ୍ଭବତଃ ମୋ ପ୍ରତି କ୍ରୁରତା ଏବଂ କଠୋରତା ପ୍ରଦର୍ଶନ କରିବେ ଅବା ମୋତେ ହତ୍ୟା କରିଦେବେ ।" କାରଣ ସେ ଅର୍ଥାତ୍ ସମାମା ସ୍ୱୟଂ ଏପରି ଅନେକ କାର୍ଯ୍ୟ କରି ସାରିଥିଲା ଯହିଁରୁ ମୁସଲମାନମାନଙ୍କୁ ବହୁତ କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ସ୍ୱୟଂ ଆଁହଜରତ ସ.ଅଙ୍କ ଠାରୁ ସେ ଏହି ଆଶା ରଖିଥିଲା ଯେ, ଆଁହଜରତ ସ.ଅ ତା' ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବେ । ଅତଏବ୍ ମଦିନାରୁ ଫେରିବା ପର୍ଯ୍ୟନ୍ତ ମୁହମ୍ମଦ ବିନ୍ ମସ୍ଲମା ର.ଅଙ୍କ ସୈନ୍ୟଦଳଙ୍କ ସମ୍ମୁଖରେ ସମମାର ବ୍ୟକ୍ତିତ୍ୱ ଲୁକ୍କାୟିତ ହୋଇ ରହିଲା ।

ମଦିନା ଠାରେ ପହଞ୍ଚି ଯେତେବେଳେ ସମାମାକୁ ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ ତା'କୁ ଦେଖିବା ମାତ୍ରେ ଚିହ୍ନି ପକାଇଲେ । ଏହାପରେ ଆପଣ ସ.ଅ ହ. ମୁହମ୍ମଦ୍ ବିନ୍ ମସ୍ଲମା ଓ ତାଙ୍କର ସାଥିମାନିଙ୍କୁ କହିଲେ: "ହେ ମସ୍ଲମା ! ତୁମେ ଜାଣ କି ଉକ୍ତ ବ୍ୟକ୍ତି ଜଣକ କିଏ? ସେ ଅର୍ଥାତ୍ ହ. ମୁହମ୍ମଦ୍ ବିନ୍ ମସ୍ଲମା କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନା ମୁଁ ଜାଣି ନାହିଁ ଯେ, ଉକ୍ତ ବ୍ୟକ୍ତି ଜଣକ କିଏ ? ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ହ. ମୁହମ୍ମଦ୍ ବିନ୍ ମସ୍ଲମା ସମ୍ମୁଖରେ ବାସ୍ତବତା ପ୍ରକାଶିତ କଲେ । ଏତଦ୍ପରେ ଆପଣ ସ.ଅ ଅଭ୍ୟାସଗତ ଭାବରେ ସମାମା ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦେଲେ । ଏତଦ୍ପରେ ଆପଣ ସ.ଅ ଗୃହ ମଧ୍ୟକୁ ଯାଇ ଘରେ କହିଲେ, ଘରେ ଖାଇ ପିଇବା ନିମନ୍ତେ ଯେଉଁ ଖାଦ୍ୟ ପ୍ରସ୍ତୁତ ରହିଛି ତାହା ସମାମା ନିମନ୍ତେ ବାହରକୁ ପ୍ରେରଣ କରିଦିଅ । ତତ୍ସହିତ ଆପଣ ସ.ଅ ସାହାବାମାନଙ୍କୁ ଏହି ନିର୍ଦ୍ଦେଶ ମଧ ଦେଲେ ଯେ, ସମାମାକୁ ଅନ୍ୟ କୌଣସି ଘରେ ରଖିବା ବଦଳରେ ମସ୍ଜିଦେ ନବୱୀର ପ୍ରାଙ୍ଗଣରେ ହିଁ କୌଣସି ଏକ ଖମ୍ବ ସହିତ ବାନ୍ଧି ବନ୍ଦୀ କରି ରଖାଯାଉ । ଏପରି କରିବା ପଛରେ ଆପଣ ସ.ଅଙ୍କର ଏହି ଅଭିପ୍ରାୟ ରହିଥିଲା ଯେ, ଆପଣ ସ.ଅଙ୍କ ସଭା ସମିତି କିପରି ଅନୁଷ୍ଠିତ ହେଉଛି ଓ ମୁସଲମାନେ କିପରି ନମାଜ ପାଠ କରୁଛନ୍ତି ତାହା ସମାମା ମଧ ଦେଖୁ ଏବଂ ସମାମାର ହୃଦୟ ସେହି ଆଧାତ୍ମିକ ଦୃଶ୍ୟକୁ ଦେଖି ପ୍ରଭାବିତ ହୋଇ ଇସ୍ଲାମ୍ ଧର୍ମ ପ୍ରତି ଆକୃଷ୍ଟ ହୋଇଯାଉ।"

ଅତଏବ୍ ସମାମାକୁ ଏହିପରି ଭାବରେ ଖମ୍ବରେ ବାନ୍ଧି ଦିଆ ଯାଇଥିଲା । ଏହାର ଅର୍ଥ ଏହା ନୁହେଁ ଯେ, ସମାମାକୁ ଏପରି ବନ୍ଧା ଯାଉଥିଲା ଯେ, ସେ ଆଉ ପ୍ରଭାବିତ ହେବ ନାହିଁ ଏବଂ କ୍ରୋଧିତ ହୋଇ ରହିଥାଆନ୍ତା । ବରଂ ଯେପରି ଜଣେ କଏଦୀ ବା ବନ୍ଦୀକୁ ବନ୍ଧା ଯାଇଥାଏ ଯେ, ସେ ନିଜର ହାତ ଗୋଡ଼ ହଲାଇ ପାରିବ ଠିକ୍ ସେହିପରି ସମାମାକୁ ମଧ ବିନମ୍ର ଓ ଅତ୍ୟନ୍ତ ଆରାମ ଦାୟକ ଭାବରେ ତା'କୁ ବନ୍ଧା ଯାଇଥିଲା ।

ଏହି ଦିନମାନଙ୍କରେ ଆଁହଜରତ ସ.ଅ ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ସମାମା ପାଖକୁ ଆସୁଥିଲେ ଏବଂ ତା'ର ଅବସ୍ଥା ପଚାରି ବୁଝୁଥିଲେ । ଆପଣ ସ.ଅ ସମାମାକୁ କହୁଥିଲେ, ହେ ସମାମା ! କୁହ ତୁମେ ବର୍ତ୍ତମାନ କ'ଣ ଚାହୁଁଛ ? ସମାମା ଉତ୍ତର ଦେଲା ଯେ, "ହେ ମୁହମ୍ମଦ୍ ସ.ଅ ! ଆପଣ ମୋର ଯଦି ବଧ କରି ଦିଅନ୍ତି ତେବେ ଆପଣଙ୍କୁ ଏପରି କରିବାର ଅଧିକାର ପ୍ରାପ୍ତ ଅଛି । କାରଣ ମୋ ବିରୁଦ୍ଧରେ ରକ୍ତପାତର ଦୋଷାରୋପ ହୋଇଛି । କିନ୍ତୁ ଆପଣ ସ.ଅ ଯଦି ଉପକାର କରନ୍ତେ ତେବେ ଆପଣ ମୋତେ କୃତଜ୍ଞ ଜ୍ଞାପନକାରୀ ବ୍ୟକ୍ତି ରୂପେ ପାଇବେ ଏବଂ ଆପଣ ସ.ଅ ଯଦି ମୋ ଠାରୁ ଫିଦିୟା ନେବାକୁ ଚାହାନ୍ତି ତେବେ ମୁଁ ଫିଦିୟା ଦେବା ନିମନ୍ତେ ମଧ ପ୍ରସ୍ତୁତ ଅଛି ।" ତିନି ଦିନ ପର୍ଯ୍ୟନ୍ତ ଏହି ପ୍ରଶ୍ନ ଉତ୍ତର ପ୍ରସଙ୍ଗ ଜାରି ରହିଲା। ପରିଶେଷରେ ତୃତୀୟ ଦିନ ଆଁହଜରତ ସ.ଅ ସ୍ୱୟଂ ସାହାବାମାନଙ୍କୁ ଆଦେଶ ଦେଲେ, ହେ ସାହାବାମାନେ ! ସମାମାକୁ ଦାଉଡ଼ି ଖୋଲି ତାଙ୍କୁ ମୁକ୍ତ କରିଦିଅ । ସାହାବାମାନେ ତୁରନ୍ତ ଆଁହଜରତ ସ.ଅଙ୍କ ଆଦେଶ ପାଳନପୂର୍ବକ ସମାମାକୁ ମୁକ୍ତ କରିଦେଲେ । ସମାମା ଶୀଘ୍ର ଶୀଘ୍ର ମସ୍ଜିଦ୍ରୁ ବାହାରି ବାହାରକୁ ଚାଲିଗଲା । ସମ୍ଭବତଃ ସାହାବାମାନେ ଏହା ଭାବିଥିବେ ଯେ, ବର୍ତ୍ତମାନ ସେ ନିଜ ମାତୃଭୂମିକୁ ଫେରିଯିବ । କିନ୍ତୁ ଆଁହଜରତ ସ.ଅ ବୁଝି ସାରିଥିଲେ ଯେ, ସମାମାର ହୃଦୟ ଉନ୍ମୁକ୍ତ (ଖୋଲି) ସାରିଛି । ବର୍ତ୍ତମାନ ତା' ଉପରେ ଆଁହଜରତ ସ.ଅଙ୍କ ପବିତ୍ର ଐଶୀ ଶକ୍ତିର ପ୍ରଭାବ ପଡ଼ିବା ଆରମ୍ଭ ହୋଇ ସାରିଛି । ପରିଣାମ ମଧ ଏହା ହିଁ ବାହାରିଲା । ଆଗକୁ ଉଲ୍ଲେଖ ରହିଛି ଯେ, ସେ ମଦିନା ନିକଟବର୍ତ୍ତୀ ଏକ ଉଦ୍ୟାନକୁ ଗଲା ଏବଂ ସେଠାରୁ ସେ ସ୍ନାନ କରି ଫେରିଲା । ଆସିବା ମାତ୍ରେ ସେ ଆଁହଜରତ ସ.ଅଙ୍କ ହସ୍ତରେ ମୁସଲମାନ ହୋଇଗଲା । ଏତଦ୍ପରେ ସେ ଆଁହଜରତ ସ.ଅଙ୍କୁ କହିଲା, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ବେଳ ଥିଲା ଯେ, ମୋତେ ସମଗ୍ର ସଂସାରରେ ଆପଣ ସ.ଅଙ୍କ ଅସ୍ତିତ୍ୱ ପ୍ରତି ଏବଂ ଆପଣ ସ.ଅଙ୍କ ଧର୍ମ ସହିତ ଓ ଆପଣ ସ.ଅଙ୍କ ସହର ପ୍ରତି ସର୍ବାଧିକ ଶତ୍ରୁତା ଥିଲା । କିନ୍ତୁ ବର୍ତ୍ତମାନ ମୁଁ ଆପଣ ସ.ଅଙ୍କ ଅସ୍ତିତ୍ୱ ଏବଂ ଆପଣ ସ.ଅଙ୍କ ଧର୍ମ ଓ ଆପଣ ସ.ଅଙ୍କ ସହର ପ୍ରତି ସର୍ବାଧିକ ପ୍ରେମ କରୁଛି । ଆପଣ ସ.ଅଙ୍କ ଅସ୍ତିତ୍ୱ, ଆପଣ ସ.ଅଙ୍କ ଧର୍ମ ଓ ଆପଣ ସ.ଅଙ୍କ ସହର ମୋର ଅତି ପ୍ରିୟ ଅଟନ୍ତି ।"

ସେଦିନ ସନ୍ଧ୍ୟା ସମୟରେ ଯେତେବେଳେ ପ୍ରଥାନୁଯାୟୀ ସମାମା ନିମନ୍ତେ ଆହାର ଆସିଲା ସେତେବେଳେ ସେ ସ୍ୱଳ୍ପ ଆହାର ଗ୍ରହଣ କରି ବଳକା ଆହାର ଛାଡ଼ିଦେଲା ଅର୍ଥାତ୍ ଆଉ ଖାଇଲା ନାହିଁ । ଏହା ଦେଖି ସାହାବାମାନେ ଆଶ୍ଚର୍ଯ୍ୟ ଚକିତ ହେଲେ ଯେ, ସମାମା ସକାଳ ପର୍ଯ୍ୟନ୍ତ ଅଧିକ ଆହାର ଖାଉଥିଲା (ଅତି ଭୋଜି ଥିଲା) । ଅର୍ଥାତ୍ ସମାମା ଯେତେବେଳେ ବନ୍ଦୀ ଏବଂ ଖମ୍ବରେ ବନ୍ଧା ହୋଇଥିଲା ସେତେବେଳେ ସେ ଅଧିକ ଆହାର ଖାଉଥିଲା । ତହିଁରୁ ଏହା ପ୍ରମାଣିତ ହୁଏ ଯେ, ସମାମା ଏପରି ବନ୍ଧା ହୋଇଥିବା ବା ସମାମାକୁ ଏପରି ବନ୍ଧା ଯାଇଥିଲା ଯେ, ଅତି ସହଜରେ ଆହାର ଖାଇ ପାରୁଥିଲା ଏବଂ ଜଳ ପାନ କରିପାରୁ ଥିଲା । ତା' ଖାଇବା ପିଇବାର ବହୁତ ଯତ୍ନ ନିଆଯାଉଥିଲା । ସେ ଯାହା ହେଉ ସେ ସ୍ୱଳ୍ପ ଆହାର ଖାଇଲା । କିନ୍ତୁ ପୂର୍ବେ ସେ ଅଧିକ ଆହାର ଗ୍ରହଣ କରୁଥିଲା । ଅର୍ଥାତ୍ ପୂର୍ବେ ସେ ପେଟୁ (ଅତି ଭୋଜି) ଥିଲା । କିନ୍ତୁ ବର୍ତ୍ତମାନ ସେ ସ୍ୱଳ୍ପାହାର ଗ୍ରହଣ କରୁଛି। ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ଯେତେବେଳେ ଉକ୍ତ ସୂଚନା ପହଞ୍ଚିଲା (ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଯେତେବେଳେ ସୂଚନା ମିଳିଲା) ସେତେବେଳେ ଆପଣ ସ.ଅ କହିଲେ, ସକାଳ ପର୍ଯ୍ୟନ୍ତ ସମାମା ଅବିଶ୍ୱାସକାରୀଙ୍କ ପରି ସ୍ୱଳ୍ପ ଭୋଜନ କରୁଥିଲା । କିନ୍ତୁ ବର୍ତ୍ତମାନ ସେ ଜଣେ ମୁସଲମାନ ବ୍ୟକ୍ତିଙ୍କ ପରି ଆହାର ଗ୍ରହଣ କରୁଛି । ଅର୍ଥାତ୍ ଭୋଜନ କରୁଛି ।

ତହିଁରୁ ଆପଣ ସ.ଅଙ୍କ ଏହା ଯଥାର୍ଥ ଥିଲା ଏବଂ ଆପଣ ସ.ଅ ଏହା ବ୍ୟାଖ୍ୟା କଲେ ଯେ, ଅବିଶ୍ୱାସକାରୀ 7ଟି ଅନ୍ତବୁଜୁଳା (ଖାଦ୍ୟନଳୀ) ଦ୍ୱାରା ଭୋଜନ ଗ୍ରହଣ କରିଥାଏ ଓ ମୁସଲମାନ କେବଳ ଗୋଟିଏ ଅନ୍ତବୁଜୁଳା ଅର୍ଥାତ୍ ଖାଦ୍ୟନଳୀ ଦ୍ୱାରା ଭୋଜନ ବା ଆହାର ଗ୍ରହଣ କରିଥାଏ । ତହିଁରୁ ଆପଣ ସ.ଅଙ୍କ ଯଥାର୍ଥ ଏହା ଥିଲା ଯେ, ଅବିଶ୍ୱାସକାରୀ ବ୍ୟକ୍ତି ଯେଉଁଠି ସାଂସାରିକ ଆନନ୍ଦ ତଥା ତୃପ୍ତିରେ ନିମଜ୍ଜିତ ହୋଇଯାଇଥାଏ ଏବଂ ଆସକ୍ତ ହୋଇ ଯାଇଥାଏ ସେଠାରେ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତି ନିଜର ଶାରୀରୀକ ଆବଶ୍ୟକତାକୁ କେବଳ ସେହି ସୀମା ପର୍ଯ୍ୟନ୍ତ ସୀମିତ ରଖିଥାଏ ଯାହା ଜୀବନ ବଞ୍ଚିବା ନିମନ୍ତେ ଆବଶ୍ୟକ । କାରଣ ଜଣେ ପ୍ରକୃତ ମୁସଲମାନ ବ୍ୟକ୍ତିକୁ ଆନନ୍ଦ କେବଳ ଧର୍ମରୁ ହିଁ ପ୍ରାପ୍ତ ହୋଇଥାଏ । ଉକ୍ତ କଥା ମଧ ସ୍ମରଣ ରଖିବା ଉଚିତ୍ ଯେ, ଏଠାରେ 7 ସଂଖ୍ୟାରୁ ଗଣନ ସଂଖ୍ୟା ଯଥାର୍ଥ ନୁହେଁ । ବରଂ ଆରବ୍ୟ ଆପ୍ତ ବାକ୍ୟ ଅନୁଯାୟୀ 7ର ଗଣନ ସଂଖ୍ୟା ଓ ନିଜର ଭାବାବେଗକୁ ପରିପ୍ରକାଶ କରିବା ନିମନ୍ତେ ମଧ ବ୍ୟବହୃତ ହୋଇଥାଏ । କହିବାର ତାତ୍ପର୍ଯ୍ୟ ଏହିକିଯେ, ଜଣେ ଅବିଶ୍ୱାସକାରୀ ସାଂସାରିକ ଆନନ୍ଦରେ ନିମଜ୍ଜିତ ତଥା ନିମଗ୍ନ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍ସଲନାକା ଇଲ୍ଲା ରହ୍ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍ରା ହତ୍ତା ତୁନ୍ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ରହିଥାଏ । ତା'ର ସମସ୍ତ ଧ୍ୟାନ କେବଳ ସାଂସାରିକ ପ୍ରାପ୍ତିରେ ହିଁ କେନ୍ଦ୍ରିତ ହୋଇଥାଏ। କିନ୍ତୁ ଜଣେ ବିଶ୍ୱାସକାରୀ ନିଜକୁ ସାଂସାରିକ ଆନନ୍ଦରୁ (ବିମୁଖ) ଅଟକାଇ କରି ରଖିଥାଏ । ଆବଶ୍ୟକତା ଠାରୁ କେବେ ବି ସୀମା ଉଲ୍ଲଂଘନ କରି ନଥାଏ । କାରଣ ତା'ର ପ୍ରକୃତ ଆନନ୍ଦର ଭୂମି ଅନ୍ୟ ଠାରେ ରହିଛି । ଅତଏବ୍ ଆଁହଜରତ ସ.ଅଙ୍କ ଉକ୍ତ ସତ୍‌ଶିକ୍ଷା ସ୍ୱଭାବଗତ ମେଳାପୀ ପ୍ରିୟ ହେବା ଏବଂ ଆପଣ ସ.ଅଙ୍କ ବ୍ୟକ୍ତିଗତ ଉତ୍ତମ ଚାରିତ୍ରକତା ଓ ଚରିତ୍ରବତ୍ତାର ଏକ ନିଚ୍ଛକ ଦର୍ପଣ (ପ୍ରତିଛବି) ଅଟେ ।

ମୁସଲମାନ ହେବା ପରେ ସମାମା ଆଁହଜରତ ସ.ଅଙ୍କୁ କହିଲା, ହେ ଅଲ୍ଲାହଙ୍କ ବାର୍ତ୍ତାବହ ସ.ଅ ! ଆପଣ ସ.ଅଙ୍କ ଲୋକମାନେ ଯେତେବେଳେ ମୋତେ ବନ୍ଦୀ କରି ନେଇଥିଲେ ସେତେବେଳେ ମୁଁ ଖାନା କାଆବାର ଉମ୍ରାହ (ପରିକ୍ରମା) କରିବା ନିମନ୍ତେ ଯାଉଥିଲି । ବର୍ତ୍ତମାନ ମୋତେ ଆପଣ କେଉଁ ଆଦେଶ ଦେଉଛନ୍ତି (ମୋ ପାଇଁ କି ଆଦେଶ ରହିଛି) ? ଆପଣ ସ.ଅ ତା'କୁ ଅନୁମତି ପ୍ରଦାନ କଲେ ଏବଂ ଦୁଆ କଲେ ଏବଂ ସୁମାମା ମକ୍କା ଅଭିମୁଖେ ବାହାରି ପଡ଼ିଲା । ସେଠାରେ ପହଞ୍ଚି ସୁମାମା କୁରେଶ୍‌ମାନଙ୍କ ମଧ୍ୟରେ ଯାଇ ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟ ଆରମ୍ଭ କରିଦେଲେ । କୁରେଶ୍‌ମାନେ ଯେତେବେଳେ ଉକ୍ତ ଦୃଶ୍ୟକୁ ଦେଖିଲେ ସେତେବେଳେ ସେମାନେ କ୍ରୋଧ ଜର୍ଜରିତ ହୋଇଗଲେ ଏବଂ ସେମାନେ ସୁମାମାଙ୍କୁ ଧରି ତାଙ୍କୁ ହତ୍ୟା କରିଦେବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । କିନ୍ତୁ ସେମାନେ ଏହା ଭାବିଲେ ଯେ, ସୁମାମା ହେଉଛି ଅଞ୍ଚଳର ଜଣେ ଖ୍ୟାତି ସମ୍ପନ୍ନ ଅଧିପତି ଏବଂ ୟମାମା ସହିତ ମକ୍କାର ଘନିଷ୍ଠ ବାଣିଜ୍ୟିକ ସଂପର୍କ ଥିଲା । ତେଣୁ ସେମାନେ ଏପରି ଇଚ୍ଛାକୁ ଚରିତାର୍ଥ କରିବାରୁ ନିବୃତ୍ତ (କ୍ଷାନ୍ତ) ହୋଇଗଲେ ଏବଂ ସେମାନେ ସୁମାମାକୁ ଗାଳି ଗୁଲଜ ତଥା ବ୍ୟଙ୍ଗ ବିଦ୍ରୂପ କରି ଛାଡ଼ିଦେଲେ । ସୁମାମାର ସ୍ୱଭାବରେ ଅତ୍ୟନ୍ତ ଉତ୍ସାହ ଭର୍ତ୍ତି ହୋଇ ରହିଥିଲା ଏବଂ କୁରେଶ୍‌ମାନଙ୍କର ସେହି ଅତ୍ୟାଚାର ଯାହା ସେମାନେ ଆଁହଜରତ ସ.ଅ ଓ ସାହାବାମାନଙ୍କ ଉପରେ କରୁଥିଲେ ସେହି ସମସ୍ତ ଅତ୍ୟାଚାରର ଦୃଶ୍ୟ ସୁମାମା ସମ୍ମୁଖରେ ରହିଥିଲା ।

ସୁମାମା ମକ୍କାରୁ ପ୍ରସ୍ଥାନ କରିବା ସମୟରେ କୁରେଶ୍‌ମାନଙ୍କୁ କହିଲେ, ହେ କୁରେଶ୍‌ମାନେ ! "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେପର୍ଯ୍ୟନ୍ତ ଅଲ୍ଲାହତାଲା ଓ ତାହାଙ୍କ ବାର୍ତ୍ତାବହମାନେ ଅନୁମତି ପ୍ରଦାନ କରିଦେଇ ନାହାନ୍ତି ସେପର୍ଯ୍ୟନ୍ତ ୟମାମାରୁ ତୁମମାନଙ୍କୁ କୌଣସି ଶସ୍ୟ ପଦାର୍ଥ ପ୍ରାପ୍ତ ହେବ ନାହିଁ କି ତୁମମାନଙ୍କ ନିକଟକୁ କୌଣସି ଶସ୍ୟ ଆସିବ ନାହିଁ ।"

ନିଜ ମାତୃଭୂମିରେ ପହଞ୍ଚି ସୁମାମା ବାସ୍ତବରେ ମକ୍କା ପକ୍ଷରୁ ୟମାମା ଅଞ୍ଚଳକୁ ଆସିବାକୁ ଥିବା ଯାତ୍ରୀସମୂହଙ୍କ ଗମନାଗମନକୁ ରୋକି ଦେଲେ । ମକ୍କାରୁ ଖାଦ୍ୟ ପଦାର୍ଥର ଏକ ବୃହତ୍ ଅଂଶ ୟମାମା ତରଫରୁ ଆସୁଥିଲା । ତେଣୁ ସେହି ବାଣିଜ୍ୟ ବନ୍ଦ ହୋଇଯିବା ଫଳରେ ମକ୍କାର କୁରେଶ୍‌ମାନେ ଅତ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେଲେ । ବର୍ତ୍ତମାନ ଅଧିକ ସମୟ ଅତିକ୍ରାନ୍ତ ହୋଇ ନଥିଲା କି କୁରେଶମାନେ ବିବ୍ରତ ହୋଇ ଆଁହଜରତ ସ.ଅଙ୍କ ସେବାରେ ପତ୍ର ଲେଖିଲେ ଯେ, ହେ ମୁହମ୍ମଦ୍ (ସ.ଅ) ! ଆପଣ ସର୍ବଦା ସଂପର୍କୀୟମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବା ନିମନ୍ତେ ଆଦେଶ ଦିଅନ୍ତି । ତେଣୁ ଆପଣ (ସ.ଅ) ଆମମାନଙ୍କୁ ଆଜି ଉକ୍ତ ବିପତ୍ତିରୁ ଉଦ୍ଧାର କରନ୍ତୁ । କୁରେଶ୍‌ମାନେ ସେତେବେଳେ ଏତେ ବ୍ୟସ୍ତ ବିବ୍ରତ ହୋଇଯାଇଥିଲେ ଯେ, ସେମାନେ କେବଳ ଉକ୍ତ ପତ୍ର ଲେଖି ଯଥେଷ୍ଟ ବୋଲି ମନେକରି ବସି ପଡ଼ିଲେ ନାହିଁ ବରଂ ସେମାନେ ନିଜର ଅଧିପତି ଅବୁ ସୁଫିୟାନ୍ ବିନ୍ ହର୍ବକୁ ମଧ୍ୟ ଆଁହଜରତ ସ.ଅଙ୍କ ନିକଟରେ ପ୍ରେରଣ କରିଦେଲେ ।

ଅତଏବ୍ ଅବୁ ସୁଫିୟାନ୍ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ମୌଖିକ ବିଳାପ ଓ କାନ୍ଦଣା କାନ୍ଦିଲା । ସେ ବହୁତ ଆର୍ତ୍ତ ଚିତ୍କାର କଲା ଏବଂ ନିଜ ବିପତ୍ତିର ପରିପ୍ରକାଶ କରି ଦୟା ଭିକ୍ଷା କଲା । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ସୁମାମା ବିନ୍ ଉସାଲଙ୍କୁ ମାର୍ଗଦର୍ଶିକା ପ୍ରେରଣ କରି ନିର୍ଦ୍ଦେଶ ଦେଲେ ଯେ, କୁରେଶ୍‌ମାନଙ୍କର ସେହି ଯାତ୍ରୀସମୂହ ଯହିଁରେ ମକ୍କାବାସୀଙ୍କର ଖାଦ୍ୟ ତଥା ଶସ୍ୟ ପଦାର୍ଥ ସମଗ୍ରୀ ଥିଲା ତାହାକୁ ସେ ଅଟକାଇବେ ନାହିଁ । ସୁତରାଂ ବାଣିଜ୍ୟ ବ୍ୟବସାୟର ପରମ୍ପରା ପୁନଶ୍ଚ ଜାରି ହୋଇଗଲା ଏବଂ ମକ୍କାବାସୀଙ୍କୁ ଉକ୍ତ ବିପତ୍ତିରୁ ମୁକ୍ତି ମିଳିଲା ।

ସୁତରାଂ ଉକ୍ତ ଘଟଣାଟି ଯେଉଁଠି ଆଁହଜରତ ସ.ଅଙ୍କ ଅସୀମ ଦୟା ଓ କରୁଣା ଏବଂ କ୍ଷମାଯାଚନାର ଜ୍ୱଳନ୍ତ ପ୍ରମାଣ ଅଟେ ସେଠାରେ ଉକ୍ତ କଥାକୁ ମଧ୍ୟ ପ୍ରମାଣିତ କରିଥାଏ ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ଆଁହଜରତ ସ.ଅ କୁରେଶ୍‌ମାନଙ୍କର ଯାତ୍ରୀସମୂହକୁ ଅଟକାଇବାର ଯୋଜନା ପ୍ରସ୍ତୁତ କରିଥିଲେ ତାହାର ମୂଳାଭିପ୍ରାୟ ଏହା ନଥିଲା ଯେ, ଆପଣ ସ.ଅ କୁରେଶ୍‌ମାନଙ୍କୁ ଦୁର୍ଭିକ୍ଷରେ ପ୍ରପୀଡ଼ିତ କରି ସେମାନଙ୍କର ଧ୍ୱଂସ ତଥା କ୍ଷତି ସାଧନ କରିବେ । ବରଂ ସେମାନଙ୍କୁ ଅଟକାଇବାର ମୂଳାଭିପ୍ରାୟ ଏହା ଥିଲା ଯେ, ମଦିନାର ଆଖପାଖ ଅଞ୍ଚଳକୁ କୁରେଶ୍‌ମାନଙ୍କ କବଳରୁ ସୁରକ୍ଷିତ କରିନିଆଯାଉ । ଉକ୍ତ ଘଟଣାରୁ ଏହା ମଧ୍ୟ ପ୍ରମାଣିତ ହୁଏ ଯେ, ଇସ୍‌ଲାମୀୟ ଶିକ୍ଷାନୁଯାୟୀ ଯୁଦ୍ଧରେ ଶତ୍ରୁ ସଂକ୍ରାନ୍ତରେ ଉକ୍ତ କଥା ଭଲ ନୁହେଁ ଯେ, ସାଧାରଣ ପରିସ୍ଥିତିରେ ତା' (ଶତ୍ରୁ ପକ୍ଷ)ର ପତ୍ରାଳାପର ପରମ୍ପରାକୁ ଏତେ ମାତ୍ରାରେ ବନ୍ଦ କରିଦିଆଯାଉ ଯେ, ସେ (ଶତ୍ରୁପକ୍ଷ) ଶୃଙ୍ଖଳା ରୁଟି ଖାଇବାରୁ ମଧ୍ୟ ବଞ୍ଚିତ ହୋଇଯାଉ। ହଁ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରର ଆମଦାନୀ ଓ ରପ୍ତାନୀ କିମ୍ବା ଖାଇବା ପିଇବାର ଆବଶ୍ୟକୀୟ ଜିନିଷ ପତ୍ର ବ୍ୟତୀତ ଅନ୍ୟ ବସ୍ତୁର ଆମଦାନୀ ଓ ରପ୍ତାନୀର ପରମ୍ପରା ଯୁଦ୍ଧର ଆବଶ୍ୟକତାନୁଯାୟୀ ରୋକ ଲଗାଇ ଦିଆଯାଇ ପାରିବ ।"

କିନ୍ତୁ ଆଜି ବିଶ୍ୱ ବଡ଼ ବିଚିତ୍ର ଓ ମୂକ ଦର୍ଶକ ପାଲଟି ଯାଇଛି ଯେ, ଯୁଦ୍ଧରେ ଦରିଦ୍ର ଜନତା, ବଞ୍ଚିତ, ବୁଭୁକ୍ଷୁ ଜନସାଧାରଣ ପର୍ଯ୍ୟନ୍ତ ଆହାର ଓ ଖାଦ୍ୟ ପଦାର୍ଥ ପହଞ୍ଚିବାକୁ ଦେଉ ନାହିଁ । ବିଶ୍ୱରେ ଥିବା ବଡ଼ ବଡ଼ ରାଷ୍ଟ୍ରମାନେ ଏହି ବାହାନା କରୁଛନ୍ତି ଯେ, ସେଠାରେ ଆତଙ୍କବାଦୀମାନେ ରହିଥିଲେ କିମ୍ବା ଅମକ ଅମକ ବ୍ୟକ୍ତି ଥିଲା । ସେ ଯାହା ହେଉ ଏହା ତ' ସେହି ଲୋକମାନଙ୍କର କାର୍ଯ୍ୟ ଅଟେ ଯେଉଁମାନେ ସାଂସାରିକ ବ୍ୟକ୍ତି ଅଟନ୍ତି । କିନ୍ତୁ ଇସ୍‌ଲାମ୍ ଧର୍ମର ଶିକ୍ଷା ଏପରି ନୁହେଁ । ଯଦି ଏହି ସ୍ଥିତି ହୋଇ ଥାଆନ୍ତା କି ଶତ୍ରୁ ମୁସଲମାନମାନଙ୍କର ଖାଦ୍ୟ ପଦାର୍ଥର ଗମନା ଗମନ ଏବଂ ଆମଦାନୀ ଓ ରପ୍ତାନୀ ପ୍ରସଙ୍ଗକୁ ଅଟକାଇବା ପାଇଁ ଉଦ୍ୟମ କରି ଥାଆନ୍ତା ତେବେ ସେପରିପ୍ରେକ୍ଷୀରେ ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ନୈତିକ ଏବଂ ମୌଳିକ ଶିକ୍ଷା ଅର୍ଥାତ୍ جَزٰٓؤُا سَيِّئَةٍ سَيِّئَةٌ مِّثْلُهَا ଅନୁଯାୟୀ ଉକ୍ତ ପରମ୍ପରାକୁ ରୋକିବା ମଧ୍ୟ ବୈଧ ହେବ ଅର୍ଥାତ୍ ଅଦଳର ବଦଳ ହେବ ।

ହୁଜୁର ଅନୱର୍ ଅ.ବ କହିଲେ, "ଯେପରିକି ଉପରୋକ୍ତରେ ଚର୍ଚ୍ଚା ହୋଇ ସାରିଛି ଯେ, ସୁମାମା ବିନ୍ ଉସାଲ୍ ନିଜ ଅଞ୍ଚଳରେ ଜଣେ ପ୍ରଭାବଶାଳୀ ଅଧିପତି ଥିଲା । ସୁମାମା ବିନ୍ ଉସାଲ୍‌ର ଉତ୍ସାହପୂର୍ବକ ତବ୍‌ଲିଗ୍ (ପ୍ରଚାର) ମାଧ୍ୟମରେ ୟମାମାର ଅନେକ ଲୋକ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ । ଏତଦ୍‌ପରେ ଆଁହଜରତ ସ.ଅଙ୍କ ବିୟୋଗ ନିକବର୍ତ୍ତୀ ଓ ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍‌ର ପ୍ରାରମ୍ଭରେ ମିଥ୍ୟାବାଦୀ ମୁସୈଲ୍‌ମାର ମିଛ ଅବତାରତ୍ୱ ଦାବି କଲା । ୟମାମାରୁ ଅନେକ ଗ୍ରାମୀଣ ତଥା ଆଦିବାସୀ ଲୋକମାନେ ଇସ୍‌ଲାମ୍ ଧର୍ମ ଯେତେବେଳେ ପରିତ୍ୟାଗ କଲେ ସେତେବେଳେ ସୁମାମା କେବଳ ଦୃଢ଼ତାର ସହିତ ଇସଲାମ ଧର୍ମ ଉପରେ ଅବିଚଳ ରହିଲା ନାହିଁ । ବରଂ ସେ ନିଜର ଉତ୍ସାହପୂର୍ବକ କଠିନ ପରିଶ୍ରମ ଅଧ୍ୟବସାୟ ବଳରେ ଅନେକ ଲୋକମାନଙ୍କୁ ମୁସଲୈମାର ଉପଦ୍ରବରୁ ସୁରକ୍ଷିତ ରଖି ଇସ୍‌ଲାମ୍ ଧର୍ମର ଧ୍ୱଜା ତଳେ ଏକତ୍ରିତ କଲେ । ସୁମାମା ର.ଅ ମୁସୈଲ୍‌ମାର ଉପଦ୍ରବକୁ ସମାପ୍ତ କରିବା ନିମନ୍ତେ ଅନନ୍ୟ ସେବା ସମ୍ପାଦନ କଲେ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-662-663)**

ହୁଜୁର ଅନୱର୍ ଅ.ବ କହିଲେ, ଏହା ଥିଲା ସେହି ସରିୟାର ଚର୍ଚ୍ଚା । ଆଜି ମୁଁ କେତେକ ମୃତକମାନଙ୍କର ନମାଜ ଯନାଜାଃର ଚର୍ଚ୍ଚା କରିବି ଓ ନମାଜ ପରେ ସେମାନଙ୍କର ନମାଜ ଯନାଜାଃ ପାଠ କରାଇବି । ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଉଛି ଯନାଜାଃ ହାଜିର୍ । (ଯନାଜାଃ ସଂପର୍କରେ ହୁଜୁର ଅନୱର ଅ.ବ ପଚାରିଲେ ଯେ, ଯନାଜାଃ ଆସି ଯାଇଛି ? ଏତଦ୍‌ପରେ ଯେତେବେଳେ ହୁଜୁର ଅ.ବଙ୍କୁ ସକାରାତ୍ମକ ଉତ୍ତର ମିଳିଲା ସେତେବେଳେ ହୁଜୁର ଅନୱର୍ ଅ.ବ କହିଲେ) । ଉକ୍ତ ଯନାଜାଃ ହାଜିର (ଉପସ୍ଥିତ ଯନାଜାଃ) ଶ୍ରୀଯୁକ୍ତ ସ୍ୱର୍ଗତ ଅବଦୁଲ୍ ଲତିଫ୍ ଖାନ ସାହେବଙ୍କର ଅଟେ ।

ସ୍ୱର୍ଗତ ଅବଦୁଲ୍ ଲତିଫ୍ ଖାନ ସାହେବ ମିଡ଼ିଲ୍ ଇଷ୍ଟର ସ୍ଥାନୀୟ ଅମୀର ମଧ୍ୟ ରହିଥିଲେ । ଡିସେମ୍ବର ମାସ 11 ତାରିଖ ଦିନ ୫5 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ସ୍ୱର୍ଗତ ହ. ମୁହମ୍ମଦ୍ ଜହୁର ଖାନ୍ ପଟିୟାଲୱୀ ସାହେବଙ୍କର ସୁପୁତ୍ର ଏବଂ ହ. ଡାକ୍ତର ହଶ୍‌ମତୁଲ୍ଲାଃ ଖାନ୍ ସାହେବ ର.ଅଙ୍କ ପୁତୁରା ଥିଲା । ହ. ଡ଼କ୍ତର ହଶ୍‌ମତୁଲ୍ଲାଃ ସାହେବ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଚିକିତ୍ସକ ଥିଲେ । ହ. ଡାକ୍ତର ହଶ୍‌ମତୁଲ୍ଲାଃ ଖାନ୍ ସାହେବ ହ. ମୁସ୍‌ଲେହ୍ ମଉଦ ର.ଅଙ୍କ ଡାକ୍ତର ଥିଲେ । ଅବ୍‌ଦୁଲ୍ ଲତିଫ୍ ଖାନ ସାହେବ ୟୁ.କେ ଜମାଅତ୍‌ର ପ୍ରାରମ୍ଭିକ ସଦସ୍ୟଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ତାଙ୍କୁ ଦୀର୍ଘ 55 ବର୍ଷ ପର୍ଯ୍ୟନ୍ତ ସ୍ଥାନୀୟ ଏବଂ କେନ୍ଦ୍ରୀୟ ସ୍ତରରେ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଆପଣ ହନ୍‌ସ୍ଲୋ ଜମାଅତ୍‌ର ପ୍ରଥମ ସଦର୍ ଥିଲେ । ଏତଦ୍‌ଭିନ୍ନ ଜାତୀୟ ସ୍ତରରେ ସେକ୍ରେଟାରୀ ୱସାୟା, ସେକ୍ରେଟାରୀ ତବ୍‌ଲିଗ୍, ସେକ୍ରେଟାରୀ ରିସ୍ତା ନାତା ଏବଂ ସ୍ଥାନୀୟ ଅମୀର ରୂପେ ମଧ୍ୟ ଆପଣ ସେବା ଏବଂ ଦାୟିତ୍ୱ ତୁଲାଇ ଆସିଥିଲେ ।

ସ୍ୱର୍ଗତ ଲତିଫ୍ ସାହେବ ନମାଜ ଓ ରୋଜାର ନିୟମାନୁବର୍ତ୍ତୀ ଥିଲେ । ଉତ୍ତମ ଚରିତ୍ରର ଅଧିକାରୀ ଥିଲେ । ସହାନୁଭୂତି, ସମବେଦନା, ମେଳାପୀ ପ୍ରିୟ, ମିଷ୍ଟଭାଷୀ, ପରିଶ୍ରମୀ, ଉଦ୍ୟମୀ, ଆଜ୍ଞାନୁବର୍ତ୍ତୀ, ପୁଣ୍ୟବାନ୍, ସଦାଚାରୀ ଏବଂ ଜଣେ ନୈଷ୍ଠିକ ବ୍ୟକ୍ତି ଥିଲେ । ଖିଲାଫତ୍ ସହିତ ତାଙ୍କର ଅତି ନିବିଡ଼ ସଂପର୍କ ରହିଥିଲା । ଜମାଅତ୍‌ର ସେବା ନିମନ୍ତେ ଆପଣ ସବୁବେଳେ ତତ୍ପର ରହୁଥିଲେ । ନିଜ ଅଞ୍ଚଳରେ ନିର୍ମିତ ହୋଇଥିବା ମସ୍‌ଜିଦ୍ ନିମନ୍ତେ ସେ ଚାନ୍ଦା ଏକତ୍ରିତ କରିବା ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ତବ୍‌ଲିଗ୍ କରିବା ପ୍ରତି ତାଙ୍କ ମନରେ ପ୍ରବଳ ଆଗ୍ରହ ଓ ଅଭିରୁଚି ରହିଥିଲା । ହନ୍‌ସ୍ଲୋ ଠାରୁ ବାସ କରୁଥିବା ହିନ୍ଦୁ ଓ ଶିଖ୍‌ମାନଙ୍କ ସହିତ ଆପଣଙ୍କର ସୁସମ୍ପର୍କ ଥିଲା । ଆପଣ ସର୍ବଦା ଜମାଅତ୍‌ର କାର୍ଯ୍ୟକ୍ରମମାନଙ୍କରେ ବିପୁଳ ସଂଖ୍ୟାରେ ଲୋକମାନଙ୍କୁ ଆଣୁଥିଲେ ।

ସ୍ୱର୍ଗତ ଲତିଫ୍ ସାହେବ ମୁସି (ଓସିୟତ୍ କରିଥିଲେ) ଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ଦୁଇ ଜଣ କନ୍ୟା ସନ୍ତାନ ଏବଂ ଚାରି ଜଣ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କର ପୁତ୍ରମାନେ ମଧ୍ୟ ଜମାଅତ୍‌ର ସେବା କରୁଛନ୍ତି । ଅନେକ ପୌତ୍ର ପୌତ୍ରୀମାନେ ମଧ୍ୟ ରହିଛନ୍ତି । ତାଙ୍କର ବଂଶ ବହୁତ ଉତ୍ତମ ବଂଶ ଅଟେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସନ୍ତାନ ସନ୍ତତିମାନଙ୍କୁ ମଧ୍ୟ ସେମାନଙ୍କର ଆଗାମୀ ବଂଶଧରମାନଙ୍କୁ ବିଶ୍ୱସ୍ତତାର ସହିତ ଖଲିଫାତ୍ ଏବଂ ଜମାଅତ୍ ସହିତ ସଂଶ୍ଳୀଷ୍ଟ ରଖନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ରାୱଲପିଣ୍ଡି ଜିଲ୍ଲାର ଅଧୁନା (ବର୍ତ୍ତମାନିକ) ରାଜନପୁର ଗ୍ରାମର ମନ୍‌ଜୁର୍ ଅହେମଦ ସାହେବଙ୍କର ସୁପୁତ୍ର ଶ୍ରୀଯୁକ୍ତ ସ୍ୱର୍ଗତ ତୈୟେବ୍ ଅହେମଦ ଶହିଦ୍ । ତୈୟେବ ଅହେମଦ ସାହେବଙ୍କୁ ଡିସେମ୍ବର ମାସ 5 ତାରିଖ ଦିନ ରାୱଲ୍‌ପିଣ୍ଡି ଠାରେ ଜଣେ ଦୁର୍ବୃତ୍ତ ଅହେମଦିୟତ୍ ଶତ୍ରୁ କୁରାଢୀରେ ଆକ୍ରମଣ କରି ଶହୀଦ୍ କରି ଦେଇଥିଲା । اِنَّا لِلّٰہِ وَاِنَّاۤ اِلَیۡہِ رٰجِعُوۡنَ ।

ବିବରଣୀ ଅନୁଯାୟୀ ସ୍ୱର୍ଗତ ତୈୟେବ୍ ସାହେବ ଶହୀଦ୍ କିଛି ଦିନ ପୂର୍ବେ ରାଜନ୍‌ପୁରରୁ ରାୱଲ୍‌ପିଣ୍ଡି ନିଜର ଭାଇ ତାହିର ଅହେମଦ କମରଙ୍କ ବ୍ୟବସାୟରେ ସାହାଯ୍ୟ କରିବା ନିମନ୍ତେ ପହଞ୍ଚିଥିଲେ । ସ୍ୱର୍ଗତ ତୈୟେବ୍ ଅହେମଦ ସାହେବ ଶହୀଦଙ୍କ ଭ୍ରାତା (ଭାଇ) ତାହିର୍ ଅହେମଦ୍ ସାହେବ ଦୋକାନରେ ବସିଥିଲେ କି ଜଣେ ଦୁର୍ବୃତ୍ତ ବ୍ୟକ୍ତି ସେଠାକୁ ଆସିଲା ଏବଂ ସ୍ୱର୍ଗତ ତୈୟେବ୍ ଅହେମଦ ସାହେବ ଶହୀଦଙ୍କ ସହିତ ଯୁକ୍ତି ତର୍କ କରିବା ଆରମ୍ଭ କରିଦେଲା । ସ୍ୱର୍ଗତ ଶହୀଦ୍ ସାହେବ ସେହି ବ୍ୟକ୍ତିକୁ କହିଲେ, ଯେ, ମହୋଦୟ ଆପଣ ମୋ ସହିତ କାହିଁକି ଲାଗୁଛନ୍ତି । ମୁଁ ତ' ଏଠାକୁ ଅତିଥି ରୂପେ ଆସିଛି । କିନ୍ତୁ ଏସବୁ ସତ୍ତ୍ୱେ ଆକ୍ରମଣକାରୀ ଜଣକ କିଛି କ୍ଷୃକ୍ଷେପ କଲା ନାହିଁ । ଦୁର୍ବୃତ୍ତ ଜଣକ କୁରାଢୀ ଦ୍ୱାରା ମୁଣ୍ଡ, ବେକ ଓ ପିଠି ଉପରେ ପ୍ରହାର କଲା । ଯଦ୍ଦ୍ୱାରା ତୈୟେବ୍ ଅହେମଦ ସାହେବ ଘଟଣା ସ୍ଥଳରେ ହିଁ ଶହୀଦ୍ ହୋଇଗଲେ । ତାହିର୍ ଅହେମଦ ସାହେବ ଯେକି ନିଜ ଭାଇଙ୍କ ଠାରୁ କିଛି ଦୂରରେ ଥିଲେ ସେ ନିଜ ଭାଇଙ୍କୁ ସାହାଯ୍ୟ କରିବା ନିମନ୍ତେ ଘଟଣା ସ୍ଥଳରେ ଯେତେବେଳେ ପହଞ୍ଚିଲେ ସେତେବେଳେ ହତ୍ୟାକାରୀ ଦୁର୍ବୃତ୍ତ ଜଣକ କୁରାଢୀ ଧରି ତାଙ୍କୁ ମଧ୍ୟ ହାଣିବାକୁ ଗୋଡ଼ାଇଲା । ସେ ଯାହାହେଉ ତାହିର ବଡ଼ କଷ୍ଟେ ମଷ୍ଟେ ନିଜ ପ୍ରାଣ ରକ୍ଷା କଲେ । ଉକ୍ତ ଘଟଣା ସମୟରେ ହତ୍ୟାକାରୀ ଜଣକ ଜମାଅତ୍ ବିରୁଦ୍ଧରେ ନାରାବାଜି କରୁଥିଲା । ସେହି ହତ୍ୟାକାରୀ ଦୁର୍ବୃତ୍ତ ଜଣକ ଏହା ମଧ୍ୟ କହିଲା, ହେ କାଦିୟାନୀମାନେ ! ମୁଁ ତୁମମାନଙ୍କୁ ଅନେକ ଥର କହିଥିଲି ଯେ, ତୁମେମାନେ ଏହି ଅଞ୍ଚଳ ଛାଡ଼ି ଚାଲିଯାଅ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଉକ୍ତ ଜଘଣ୍ୟ ହତ୍ୟାକାଣ୍ଡ ଭିଆଇବା ପରେ ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଗଲା । କିନ୍ତୁ ପୋଲିସ ପରବର୍ତ୍ତୀ ସମୟରେ ହତ୍ୟାକାରୀକୁ ଗିରଫ କରିନେଲା। ବର୍ତ୍ତମାନ ଦେଖାଯାଉ ମକଦ୍ଦମା କେତେ ଦୂର ପର୍ଯ୍ୟନ୍ତ ପହଞ୍ଚୁଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଶହୀଦ ତୈୟେବ ସାହେବଙ୍କ ଭାଇ ତାହିର ଅହମଦ ଏବଂ ପରିବାରର ଅନ୍ୟ ସଦସ୍ୟମାନେ ବ୍ୟବସାୟ ନିମନ୍ତେ ରାୱଲ୍‌ପିଣ୍ଡି ଠାରେ ଅବସ୍ଥାନ କରନ୍ତି । ବିଗତ ଏକ ବର୍ଷ ମଧ୍ୟରେ ପ୍ରତିକୂଳ ପରିସ୍ଥିତି ଏବଂ ଧମକ ମିଳିବା ଯୋଗୁଁ ଉକ୍ତ ବଂଶ ତଥା ପରିବାରକୁ ଚାରି ଥର ବ୍ୟବସାୟର ସ୍ଥାନ ପରିବର୍ତ୍ତନ କରିବାକୁ ପଡ଼ିଛି । ତିନି ମାସ ପୂର୍ବେ ବିରୋଧୀମାନେ ସେମାନଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏମାନେ ଘର ମଧ୍ୟ ଖାଲି କରି ନେଇଥିଲେ । ଅନେକ ଥର ବିରୋଧୀମାନଙ୍କ ପକ୍ଷରୁ ଟେକା ପଥର ଫିଙ୍ଗିବା ଏବଂ ବ୍ୟବସାୟରେ କ୍ଷତି ସହ୍ୟ କରିବାକୁ ପଡୁଥିଲା ଓ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଭିତ୍ତିହୀନ ଦୋଷାରୋପ କରି ଏହି ଅହେମଦିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର ଏବଂ ପୋଲିସ୍ ମାମଲା ରୁଜୁ ମଧ୍ୟ କରାଯାଉଥିଲା । ପୋଲିସ୍ ଏହି ଅହେମଦି ପରିବାରକୁ ମଧ୍ୟ ବାରମ୍ବାର ଥାନାକୁ ଡକାଉଥିଲା । ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେମାନେ ଅତ୍ୟନ୍ତ ସାହସିକତାର ସହିତ ଓ ଅବିଚଳତାର ସହିତ ପରିସ୍ଥିତିର ମୁକିବାଲା କଲେ ।

ସ୍ୱର୍ଗତ ଶହୀଦ୍‌ଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ଉମର୍ ଦିନ୍ ସାହେବ୍ ଅଫ୍ କାଦିୟାନ୍‌ଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସ୍ୱର୍ଗତ ଶହୀଦ୍‌ଙ୍କ ଦଦା ଅହମଦ୍ ଦିନ୍ ସାହେବଙ୍କୁ ମିନାରତୁଲ୍ ମସିହ୍‌ର ନିର୍ମାଣ କାର୍ଯ୍ୟରେ ଭାଗ ନେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସେହିପରି ଫୁର୍କାନ ବାଟାଲିୟନ୍‌ରେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ପାକିସ୍ତାନ ଗଠନ ସମୟରେ ପ୍ରବାସ ଅବସରରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଯାତ୍ରୀସମୂହରେ ମଧ୍ୟ ଆପଣ ସାମିଲ୍ ଥିଲେ। ସେ ପାକିସ୍ତାନ୍‌କୁ ଆସିବା ପରେ କାନ୍ଧାହାର ଜିଲ୍ଲା ସିଂଘ୍ ରହିମ୍ ଖାନ୍ ଠାରେ ଜମାଅତ୍ ସ୍ଥାପନ କଲେ ଏବଂ ସଦର୍ ଜମାଅତ୍ ରୂପେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଜମାଅତ୍ ଅହେମଦିୟାର ବୈତୁଜ୍ ଜିକର୍ ନିର୍ମାଣରେ ମଧ୍ୟ ଆପଣ ଅନନ୍ୟ ଭୂମିକା ନିର୍ବାହ କରିଥିଲେ ।

ଶହୀଦ୍ ସ୍ୱର୍ଗତ ଅସୁସ୍ଥତା ହେତୁ ଶିକ୍ଷା ପ୍ରାପ୍ତ କରିପାରି ନଥିଲେ । ହେଲେ ଲେଖା ପଢା ଜାଣିଥିଲେ । ସରଳ ସ୍ୱଭାବର ଅଧିକାରୀ ଥିଲେ । ବିଲ ବାଡ଼ି କାମ ଏବଂ ପରିଶ୍ରମ ଏବଂ ମଜୁରୀ ବୃତ୍ତି କରି ପେଟ ପୋଷୁଥିଲେ । ଶହୀଦ୍ ସ୍ୱର୍ଗତ ପାଞ୍ଚବେଳା ନମାଜ୍ ତେହଜ୍ଜୁଦ୍ ପାଠ କରିବାର ନିୟମାନୁବର୍ତ୍ତୀ ଥିଲେ । ଘରର ସମସ୍ତ ସଦସ୍ୟଙ୍କୁ ନମାଜ ପାଠ କରିବା ପ୍ରତି ଅନୁପ୍ରାଣିତ କରୁଥିଲେ । ଖିଲାଫତ୍‌କୁ ବହୁତ ପ୍ରେମ କରୁଥିଲେ । ଅଭିଭାବକଙ୍କର ମଧ୍ୟ ବେଶ୍ ସେବା କରୁଥିଲେ । ସଂପର୍କୀୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାର ଆବେଗ ତାଙ୍କ ମଧ୍ୟରେ ପ୍ରବଳ ମାତ୍ରାରେ ରହିଥିଲା । ନମାଜ ଜୁମା ପାଠ କରିବା ପ୍ରତି ବିଶେଷ ବ୍ୟବସ୍ଥା କରୁଥିଲେ । ପ୍ରଥମ ସମୟରେ ହିଁ ମସ୍‌ଜିଦରେ ପହଞ୍ଚି ଯାଉଥିଲେ । ସ୍ୱର୍ଗତ ଶହୀଦ୍‌ଙ୍କ ପିତାଶ୍ରୀ ମନ୍‌ଜୁର୍ ଅହେମଦ ସାହେବ କହିଲେ, ପ୍ରାରମ୍ଭିକ ବୟସରେ ଏକଦା (ଥରେ) ଶହୀଦ୍ ଇଶା ନମାଜ୍ ପାଠ ନକରି ଶୋଇ ପଡ଼ିଲେ । ସ୍ୱପ୍ନରେ ଶହୀଦ୍ ଦେଖିଲେ ଯେ, ତାଙ୍କୁ କେହି ଜଣେ ବ୍ୟକ୍ତି ଅତ୍ୟନ୍ତ କ୍ରୁରତାପୂର୍ବକ ନିଦ୍ରା (ନିଦ)ରୁ ଉଠାଇ ଦେଲା ଏବଂ କହିଲା, ଆଜ୍ଞା ମହୋଦୟ ଆପଣ ନମାଜ୍ କାହିଁକି ପଢିଲେ ନହିଁ ? ଏହା ପରେ ଶହୀଦ୍ ସମ୍ଭବତଃ କେବେ ବି କୌଣସି ନମାଜ ଛାଡ଼ି ନାହାନ୍ତି । କେବେଳ ନମାଜ ନୁହେଁ ବରଂ ସେ ନମାଜ ତେହଜ୍ଜୁଦ୍ ପାଠ କରିବାର ନିୟମାନୁବର୍ତ୍ତୀ ଓ ଅଭ୍ୟସ୍ତ ମଧ୍ୟ ଥିଲେ । ତାଙ୍କର ପତ୍ନୀ ଗଜାଲା ସାହେବା କୁହନ୍ତି, ପାଞ୍ଚ ଛଅ ବର୍ଷ ପୂର୍ବେ ସ୍ୱାମୀ ମହୋଦୟଙ୍କ ସହିତ ମୋର ବିବାହ ହୋଇଥିଲା ଏବଂ ମୋତେ ସ୍ୱାମୀ ମହୋଦୟ ସର୍ବଦା ଯେଉଁ କଥା କରିବାକୁ ଅନୁପ୍ରାଣିତ କରୁଥିଲେ ତାହା ଏହିକି ଯେ, ମୁଁ ନିୟମିତ ଭାବରେ ନମାଜ ପାଠି କରିବି ।

ନଦର୍ ଜିଲ୍ଲାର ମୁବଲ୍ଲିଗ୍ ସିଲ୍‌ସିଲା ମେହ୍‌ମୁଦ୍ ଅହମଦ୍ ସାହେବ କୁହନ୍ତି: "ସ୍ୱର୍ଗତ ଶହୀଦ୍ ମହୋଦୟଙ୍କ ସହିତ ପ୍ରଥମ ସାକ୍ଷାତ୍ (ଦେଖା) ସମୟରେ ସେ କହିଲେ, ମୁଁ ଜମାଅତ୍‌ର ସେବା କରିବା ନିମନ୍ତେ ସର୍ବଦା ଉପସ୍ଥିତ ଅଟେ । ଯଦି ମୋର କିଛି ଆବଶ୍ୟକତା ପଡ଼ିଲା ତେବେ ମୋତେ ନିଃସଙ୍କୋଚ ରୂପେ ଆପଣ କହି ପାରିବେ। ସ୍ୱର୍ଗତ ଶହୀଦ୍ ଉତ୍ସର୍ଗୀକୃତ ଜୀବନକୁ ବହୁତ ଭଲ ପାଉଥିଲେ । ସ୍ୱର୍ଗତ ଅତ୍ୟନ୍ତ ସରଳ ଏବଂ ସ୍ୱଳ୍ପ କଥନକାରୀ ବ୍ୟକ୍ତି ଥିଲେ । ମସ୍‌ଜିଦକୁ ଯେତେବେଳେ ଆସୁଥିଲେ ସେତେବେଳେ ସୁନ୍ନତ୍ ନମାଜ ପାଠ କରିବା ପରେ ଈଶ୍ୱର ଚର୍ଚ୍ଚାରେ ସେ ବହୁତ ନିମଜ୍ଜିତ ରହୁଥିଲେ । ସ୍ୱର୍ଗତଙ୍କ ଶୋକ ସନ୍ତପ୍ତ ପରିବାର ମଧ୍ୟରେ ମାତା ମକ୍‌ସୁଦା ବିବି ସାହେବା, ପିତା ଏବଂ ପତ୍ନି ଗଜାଲା ସାହେବା ଓ ଦୁଇ ଭାଇମାନେ ରହିଛନ୍ତି। ତାଙ୍କର ଜଣେ ଭାଇ ୱକ୍‌ଫେ ଜଦିଦ୍‌ର ମୁଅଲ୍ଲିମ୍ ସିଲ୍‌ସିଲା ଅଟନ୍ତି । ସ୍ୱର୍ଗତଙ୍କର କୌଣସି ସନ୍ତାନ ନଥିଲା । ସେହିପରି ସ୍ୱର୍ଗତଙ୍କ ଦୁଇ ଭଉଣୀ ମଧ୍ୟ ରହିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତ ଶହୀଦ୍‌ଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସମସ୍ତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତୃତୀୟ ଯନାଜାଃ ହେଉଛି ପାଲେଷ୍ଟାଇନ୍‌ର ସ୍ୱର୍ଗତ ମୁହନ୍ମିଦ୍ ମୁୱୟଦ୍ ଅବୁ ଅୱାଦ୍ ସାହେବଙ୍କର । ଏହି କିଶୋର ଯୁବକ ଜଣକ ମଧ୍ୟ ଏକ ଡ୍ରୋନ୍ ଆକ୍ରମଣର ଶିକାର ହୋଇ 20 ବର୍ଷ ବୟସରେ ପ୍ରାଣ ହରାଇ

### ହଦିସେ ନବୱୀ ସ.ଅ.ସ :-

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

**(ମୁସ୍‌ଲିମ୍, କିତାବୁଲ୍ ଇମାନ୍)**

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ବୀରଗତି ପ୍ରାପ୍ତ କରିଛନ୍ତି । إِنَّا لِلّٰهِ وَإِنَّا إِلَيْهِ رَاجِعُوْن ।

କବାବିର୍‌ର ଅମୀର୍ ଶରୀଫ୍ ଓହ୍‌ଦେ ସାହେବ ଉଲ୍ଲେଖ କରନ୍ତି ଯେ, ମୁହନ୍ନିଦ୍ ମୁଓୟେଦ୍ ଅୱାଦ୍ 20 ବର୍ଷୀୟ ଲାଜକୁଳା, କମ କଥା କହୁଥିବା, ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ସର୍ବଦା ଉତ୍ତମ ବସ୍ତ୍ର ପରିଧାନ କରୁଥିବା ଜଣେ ଯୁବକ ଥିଲା । ସେ ନିଜ ମାତାପିତାଙ୍କ ସହିତ ଗାଜାର ଦକ୍ଷିଣ ପ୍ରାନ୍ତରେ ଖାନ ୟୁନୁସ୍ ନିକଟବର୍ତ୍ତୀ ହ୍ୟୁମାନିଟି ଫାର୍ଷ୍ଟ ଶିବିର ମଧ୍ୟରୁ ଏକ ଶିବରରେ ରହୁଥିଲା । କେବଳ ସେତିକି ନୁହେଁ ବରଂ ହ୍ୟୁମାନିଟି ଫାର୍ଷ୍ଟର ଲୋକମାନେ କୁହନ୍ତି: "ସ୍ୱର୍ଗତ ମୁହନ୍ନିଦ୍ ଆମର ବହୁତ ଉତ୍ତମ କର୍ମଚାରୀ ଥିଲା ।

ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତା ମୁଓୟେଦ୍ ସାହବଙ୍କ ମାଧ୍ୟମରେ ଆସିଥିଲା । ପିତାଶ୍ରୀ ମହୋଦୟ 2009 ମସିହାରେ କିମ୍ବା 2010 ମସିହାରେ ନିଜର ବଂଶଙ୍କ ସମେତ ବୈଅତ୍ କରିଥିଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ଉପରୋକ୍ତରେ ଉଲ୍ଲେଖ କଲି ଯେ, ସ୍ୱର୍ଗତ ମୁହନ୍ନିଦ୍ ସାହେବ ହ୍ୟୁମାନିଟି ଫାର୍ଷ୍ଟ ଦଳରେ ଜଣେ ସ୍ୱେଚ୍ଛାସେବୀ ସେବକ ଭାବରେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସେ ବହୁତ ଉତ୍ସାହୀ କର୍ମୀ ଥିଲେ । ସ୍ୱର୍ଗତ ମୁହନ୍ନିଦ୍ ନିଜ ବଂଶର ଦୁଃଖ, କଷ୍ଟ ଓ ଆବଶ୍ୟକତାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ । ଏହି ଅଭାବ ଓ ଅନଟନକୁ ଦୂର କରିବା ନିମନ୍ତେ ସେ ବହୁତ ପରିଶ୍ରମ ମଧ୍ୟ କରୁଥିଲା । ସେହି ଅଞ୍ଚଳରେ କିଛି ଖାଦ୍ୟ ପଦାର୍ଥ ଏବଂ ଆହାର ମିଳୁ ନଥିଲା । ତେଣୁ ଯଦି କୌଣସି ସ୍ରୋତରୁ ଗାଜାରେ କୌଣସି ଖାଦ୍ୟ କିମ୍ବା ଆହାର ପ୍ରାପ୍ତ ହୋଇଯାଉଥିଲା ତାହା କୌଣସି ପୁରସ୍କାରରୁ କମ୍ ନଥିଲା ।

ଆଜିକାଲି ସେଠାରେ ଅତ୍ୟନ୍ତ ଶୋଚନୀୟ ପରିସ୍ଥିତି ରହିଛି । ଇସ୍ରାଇଲ୍ ସରକାର ଗାଜା ଯିବାକୁ କଟକଣା ଲଗାଇ ଦେଇଛି । ସାହାଯ୍ୟ ନିମନ୍ତେ ଯେଉଁ ଟ୍ରକ୍ କିମ୍ବା ଯାନ ବାହାନ ସେଠାକୁ ଯାଉଛି ତେବେ ସେହି ଟ୍ରକ୍ ଏବଂ ଯାନ ବାହାନକୁ ଅଟକାଇ ଦିଆଯାଉଛି। ଶାହାଦତ୍ ସମୟରେ କିଛି ଦିନ ପୂର୍ବେ ମୁହନ୍ନିଦ୍ ଗାଜାର ଦକ୍ଷିଣ ପ୍ରାନ୍ତରେ ରଫାହ୍ ଅଞ୍ଚଳରେ ଆହାର ଅନ୍ୱେଷଣ ପାଇଁ ଯାଇଥିଲା । ସେହି ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ସାହାଯ୍ୟ ନିମନ୍ତେ ଭର୍ତ୍ତି ହୋଇଥିବା ଯାନ ବାହାନ ଯେତେବେଳେ ରଫାହ୍ ମାର୍ଗ ଦେଇ ଅତିକ୍ରମ କରୁଥିଲା ସେତେବେଳେ ସେହି ଯାନ ବାହାନ ଉପରେ ବୋମା ଆକ୍ରମଣ କରି ତାହାକୁ ଧ୍ୱଂସ କରି ଦିଆଇଥାଏ କିମ୍ବା ଲୁଣ୍ଠନ କରି ନିଆଯାଉଥିଲା। ତେଣୁ କେତେକ ଯୁବକମାନେ ସେହି ଅଞ୍ଚଳକୁ ଯାଉଥିଲେ ଯେ, କାଳେ କେଉଁଠି ଧ୍ୱଂସ ପ୍ରାପ୍ତ ଯାନ ବାହାନରୁ କିଛି ଖାଦ୍ୟ ସାମଗ୍ରୀ ମିଳିଯିବ। ବେଳେବେଳେ ଏଠାରେ ମାଟିରେ ମିଶିଯାଇଥିବା ଅଟା ମଧ୍ୟ ମିଳି ଯାଇଥିଲା । ଅର୍ଥାତ୍ ମାଟି ମିଶା ଅଟା ମଧ୍ୟ ଯେତେବଳେ ମିଳୁଥିଲା ସେତେବେଳେ ତାହା ଏକ ଅସାଧାରଣ ଅବଦାନ ସାବ୍ୟସ୍ତ ହେଉଥିଲା ।

ମୁହନ୍ନିଦ୍ ଏକଦା ଯେତେବେଳେ ସେଠାକୁ ଗଲା ସେତେବେଳେ ଭାଗ୍ୟ ବଶତଃ ମୁହନ୍ନିଦ୍‌କୁ ସେଠାରେ ନିଜ ପରିବାର ଏବଂ ପଡ଼ୋଶୀଙ୍କ ନିମନ୍ତେ କିଛି ଅଟା ମିଳିଗଲା। ତେଣୁ ସେ ସେହି ଅଟା ଘରକୁ ନେଇ ଆସିଲା । ମାତାଶ୍ରୀ ମଧ୍ୟ ପ୍ରସନ୍ନ ଥିଲେ ଯେ, ଅନେକ ଲୋକମାନଙ୍କୁ ଉକ୍ତ ଅଟା ମିଳିବା ଦ୍ୱାରା ଜୀବିତ ରହିବାରେ ସହାୟକ ହେବ । କିନ୍ତୁ ମୁହନ୍ନିଦ୍‌ର ପିତା ମୁହନ୍ନିଦ୍‌କୁ ପାଟି କଲେ ଯେ, ସେ ସେହି ସ୍ଥାନକୁ ପୁନର୍ବାର ଯେପରି ନଯାଉ । କାରଣ ସେଠାରୁ ଫେରିବା କୌଣସି ଚମତ୍କାରରୁ କିଛି କମ ନୁହେଁ । ମୁହନ୍ନିଦ୍‌ଙ୍କର ପିତାଶ୍ରୀ ମୁହନ୍ନିଦ୍‌କୁ ବୁଝାଇ କହିଲେ, ହେ ମୋ ପୁତ୍ର! ତୁମେ ବର୍ତ୍ତମାନ ଯୁବକ ଅଟ ଏବଂ ଜୀବନରେ ତୁମେ ବହୁତ କିଛି କାମ କରିବ। ତେଣୁ ଏହା ଉଚିତ୍ ନିଷ୍ପତ୍ତି ନୁହଁ ଯେ, ତୁମେ ସେଠାକୁ କିଛି କି.ଗ୍ରା ଅଟା ପାଇଁ ଚାଲିଯିବ ଏବଂ ନିଜର ଜୀବନକୁ ବିପଦରେ ପକାଇ ଦେବ ।"

ସେ ଯାହା ହେଉ ଡିସେମ୍ବର ମାସ 3 ତାରିଖ ଦିନ ମୁହନ୍ନିଦ୍ ପୁଣିଥରେ ନିଜର ସାଙ୍ଗ ସାଥିମାନଙ୍କ ସହିତ ଖାଦ୍ୟ ଅନ୍ୱେଷଣ ନିମନ୍ତେ ଚାଲିଗଲା । ଯେତେବେଳେ ସେ ସେଠାରେ ପହଞ୍ଚିଲା ସେତେବେଳେ ଜଣେ ପାଲେଷ୍ଟାଇନ୍ ଭାଇର ମର ଶରୀରକୁ ଦେଖିଲା । ଆଖପାଖରେ କେତେକ ବୁଲା କୁକୁରମାନେ ରହିଥିଲେ ସେମାନେ ଶବକୁ ଝୁଣି ଖାଉଥିଲେ । ତେବେ ମୁହନ୍ନିଦ୍ ଏବଂ ତା'ର ସାଥିମାନେ ଉକ୍ତ ଦୃଶ୍ୟକୁ ଦେଖି ବିଚଳିତ ଓ ମର୍ମାହତ ହେଲେ । ସେମାନେ ପ୍ରକୃତ ଅଭିପ୍ରାୟକୁ ଭୁଲିଗଲେ ଏବଂ ସେମାନେ ଶବ ଉଠାଇଲେ ଏବଂ ଶବକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ । କାରଣ ଶବ ଏହି ଅସୁରକ୍ଷିତ ସ୍ଥାନରୁ ସୁରକ୍ଷିତ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିଯାଉ। ଇତି ମଧ୍ୟରେ ତାଙ୍କୁ ଜଣେ ମହିଳା ଓ ତା'ର କନ୍ୟା ମଧ୍ୟ ଆହତ ଅବସ୍ଥାରେ ମିଳିଲେ । ଏହି ମହିଳା ଓ ତା'ର ପୁତ୍ରୀ ଚିତ୍କାର କରୁଥିଲେ । ସୁତରାଂ ଏହି ମହିଳା ଓ ତା'ର ପୁତ୍ରୀ ସାହାଯ୍ୟ ନିମନ୍ତେ ଚିତ୍କାର କରୁଥିଲେ । ସୁତରାଂ ମୁହନ୍ନିଦ୍ ଏବଂ ମୁହନ୍ନିଦ୍‌ଙ୍କର ସାଙ୍ଗମାନେ ତିନୋଟି ଶବକୁ ଧରି ଆମ୍ବୁଲାନସ୍ ପର୍ଯ୍ୟନ୍ତ ପହଞ୍ଚାଇ ଷ୍ଟ୍ରେଚର ସାହାଯ୍ୟରେ ଆହତ ମା ଓ ତା'ର କନ୍ୟାକୁ ନେଇ ଫେରିଗଲେ । ମୁହନ୍ନିଦ୍ ବର୍ତ୍ତମାନ ଜଣେ ଆହତ ବ୍ୟକ୍ତିଙ୍କୁ ଉଠାଇ ନେଇ ଯାଉଥିଲା କି ଇସ୍ରାଇଲୀୟ ଡ୍ରୋନ୍ (ଉଡ଼ା ଜାହାଜ) ହଠାତ୍ ଆସି ସେମାନଙ୍କ ଉପରେ ମିସାଇଲ୍ ଆକ୍ରମଣ କରିଦେଲା । ଫଳତଃ ମୁହନ୍ନିଦ୍ ଓ ତା'ର ସାଥିମାନଙ୍କ ମଧ୍ୟରୁ ଜଣେ ସାଥି ସେହି ଆହତ ମହିଳାଙ୍କ ସମେତ ଘଟଣା ସ୍ଥଳରେ ହିଁ ଶହୀଦ୍ ହୋଇଗଲେ । ଅପରପକ୍ଷେ ତୃତୀୟ ସାଥିଙ୍କର ପ୍ରାଣ ବଞ୍ଚିଗଲା । ସେହି ତୃତୀୟ ସାଥି ଜଣକ ଘରକୁ ଆସି ମୁହନ୍ନିଦ୍‌ଙ୍କ ପରିବାରକୁ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲା । ମୁହନ୍ନିଦ୍‌ର ସାଙ୍ଗ ମଧ୍ୟ ଶୋକ ବ୍ୟକ୍ତ କରି କହିଲା, ଯେଉଁ ବ୍ୟକ୍ତି ମୁହନ୍ନିଦର ଶବକୁ ଉଠାଇବାକୁ ଗଲା ସେ ସେହିଠାରେ ହିଁ ପ୍ରାଣ ହରାଇଲା । ପରିଶେଷରେ ସେମାନଙ୍କର ଶବ ଏକ ହସ୍ପିଟାଲରୁ ଗୋଟିଏ ଦିନ ପୂର୍ବେ ପ୍ରାପ୍ତ ହୋଇଛି । ମୁହନ୍ନିଦ୍‌ଙ୍କର ପିତାଶ୍ରୀ ମୁଓ୍ୱେୟେଦ୍ ସାହେବ ଜମାଅତ୍‌ର ଜଣେ ନୈଷ୍ଠିକ ଓ ବିନୀତ ସଦସ୍ୟ ଥିଲେ । ସେ ସର୍ବଦା ଜମାଅତର ସେବା କରିବା ନିମନ୍ତେ ଅବସର ଖୋଜୁ ଥିଲେ । ଏଠାରେ ହ୍ୟୁମାନିଟି ଫାର୍ଷ୍ଟର ଶିବିରରେ ସେ କୌଣସି ବ୍ୟକ୍ତିଙ୍କୁ ନମାଜ୍ ନିମନ୍ତେ ବିଶେଷ ସ୍ଥାନ ପରିଷ୍କାର ଇତ୍ୟାଦି କରିବାକୁ ଦେଉ ନଥିଲେ । ବରଂ ସେ ନିଜେ ସେହି ସ୍ଥାନକୁ ସଫା କରୁଥିଲେ । ସେ ସର୍ବଦା ବିଶ୍ୱସ୍ତତାର ସହିତ କାର୍ଯ୍ୟ କରୁଥିଲେ ।

ତାଙ୍କର ପିତାଶ୍ରୀଙ୍କୁ ମଧ୍ୟ ଅହେମଦିୟତ୍ ସ୍ୱୀକାର କରିବା ପରେ ବହୁତ କଷ୍ଟର ସମ୍ମୁଖୀନହେବାକୁ ପଡୁଥିଲା । କାରଣ ସେ ଅତ୍ୟନ୍ତ ସାହସୀ ବ୍ୟକ୍ତି ଥିଲେ । ତେଣୁ ଅତ୍ୟନ୍ତ ଉଚ୍ଚ ସ୍ୱରରେ ବିଭିନ୍ନ ମସ୍‌ଜିଦକୁ ଯାଇ ଘୋଷଣା କରୁଥିଲେ ଯେ, ମସିହ୍ ଆସି ଯାଇଛନ୍ତି । ଏହି କାରଣରୁ ତାଙ୍କୁ ଅନେକ ସମୟରେ କେବଳ ମାଡ଼ପିଟ୍‌ର ସମ୍ମୁଖୀନ ହେବାକୁ ପଡୁ ନଥିଲା ବରଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ବିଶ୍ୱାସ ଆଣିବା ଯୋଗୁଁ ସ୍ଥାନୀୟ ପ୍ରଶାସନ ଏବଂ ସରକାର ତାଙ୍କୁ ବିଧର୍ମୀ ଦୋଷରେ ଅପରାଧୀ ଆଖ୍ୟା ଦେଇ ଅନେକ ସପ୍ତାହ ପର୍ଯ୍ୟନ୍ତ ଜେଲ୍ ଭିତରେ ରଖିଥିଲା । କିନ୍ତୁ ସେହି ସମସ୍ତ ବିପତ୍ତି ସମୟରେ ଦୃଢ଼ ରୂପେ ଅବିଚଳ ରହିଲେ । ତାଙ୍କର ବିଶ୍ୱାସ ତିଳେମାତ୍ର ହ୍ରାସ ପାଇଲା ନାହିଁ । ଗିରଫ ସମୟରେ ଜଣେ ତଦନ୍ତକାରୀ ପୋଲିସ୍ ଆସି ତାଙ୍କ କାନ ମୁଣ୍ଡାକୁ ବିଧାଟିଏ ମାରିଲା । ଯଦ୍ଦ୍ୱାରାକି ସେ ସେହି କାନରୁ କିଛି ବି ଶୁଣି ପାରୁ ନଥିଲେ । ସେ ଯାହା ହେଉ ସ୍ୱର୍ଗତ ଶହୀଦ୍ ମହୋଦୟଙ୍କ ପିତାଶ୍ରୀ ମଧ୍ୟ ଅନେକ ବଳିଦାନ ଦେଇଥିଲେ । ସେହି ବଂଶ ଜମାଅତ୍ ସକାଶେ, ନିଜର ବିଶ୍ୱାସ ସକାଶେ ବହୁତ ବଳିଦାନ ଦେଇଛି । ଅଲ୍ଲାଃତାଲା ତାଙ୍କୁ ଆଗାମୀ ସମସ୍ତ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ ଏବଂ ସ୍ୱର୍ଗତ ଶହୀଦ୍‌ଙ୍କ ସ୍ତରକୁ ମଧ୍ୟ ଉନ୍ନୀତ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଚତୁର୍ଥ ଯନାଜାଃ ହେଲା କାଦିୟାନ୍‌ର ମୌଲବୀ ମୁହମ୍ମଦ ଅୟୁବ୍ ବଟ୍ ସାହେବଙ୍କର । ବିଗତ ଦିନରେ 100 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْن । ଅୟୁବ୍ ବଟ୍ ସାହେବ ନିଜର ଏକ ବର୍ଣ୍ଣନାରେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ମାତାଶ୍ରୀ ଶ୍ରୀମତୀ କରୀମ୍ ବିବି ସାହେବାଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ଅସିଥିଲା । ମାତାଶ୍ରୀ ମୀରପୁର୍ କାଶ୍ମୀରର ଅଧିବାସୀନୀ ଥିଲେ ଏବଂ ତାଙ୍କର ଜଣେ ଭାଇ ସୟେଦ୍ ଅର୍ଶଦ୍ ଅଲୀ ସାହେବ କାଦିୟାନରୁ ଶିକ୍ଷା ପ୍ରାପ୍ତ କରି ଆସିଥିଲେ । ସେହି ଭାଇ ସୟେଦ୍ ଅର୍ଶଦ୍ ଅଲୀ ସାହେବଙ୍କ ତବ୍‌ଲିଗ୍ ଦ୍ୱାରା ମାତାଶ୍ରୀ କରୀମ୍ ବିବି ଅହେମଦିୟତ୍ ସ୍ୱୀକାର କରିନେଲେ । ପରବର୍ତ୍ତୀ ସମୟରେ ପିତାଶ୍ରୀ ମଧ୍ୟ ବୈଅତ୍ କରିନେଲେ। ଅୟୁବ୍ ବଟ୍ ସାହେବ ଦରୱେଶମାନଙ୍କ ଲେଖନୀ ଅନୁଯାୟୀ ଠିକ୍ ଯୁବାବସ୍ଥାରେ ସ୍ୱପ୍ନରେ ଆଁହଜରତ ସ.ଅଙ୍କୁ ଏକ ଅଶ୍ୱ ଉପରେ ଆରୋହଣ ହୋଇଥିବା ଦେଖିଲେ। ଉକ୍ତ ସ୍ୱପ୍ନର ଅର୍ଥ ତାଙ୍କ ମାତାଶ୍ରୀ ଏହା କଲେ ଯେ, ତାଙ୍କୁ ଅର୍ଥାତ୍ ଅୟୁବ୍ ବଟ୍ ସାହେବଙ୍କୁ ଅଲ୍ଲାଃତାଲା ଧର୍ମ ସେବା କରିବା ନିମନ୍ତେ ଅବସର ପ୍ରଦାନ କରିବେ ।

1939 ମସିହାରେ ମୌଲବୀ ଅୟୁବ୍ ବଟ୍ ସାହେବ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ଏବଂ ପ୍ରଶାସନ ପକ୍ଷରୁ ଆପଣଙ୍କୁ ଇରାନ୍ ଯିବା ନିମନ୍ତେ ଆଦେଶ ପ୍ରାପ୍ତ ହେଲା । ସେଠାରେ ଆପଣ ଦୀର୍ଘ 5 ବର୍ଷ ପର୍ଯ୍ୟନ୍ତ ସେବା ସମ୍ପାଦନ କଲେ । ଏତଦ୍‌ପରେ ଆଫଗାନ୍ ସ୍ଥିତ କାବୁଲ୍ ଠାକୁ ଯିବା ନିମନ୍ତେ ଆଦେଶ ମିଳିଲା । କାବୁଲ୍ ଯିବା ନିମନ୍ତେ ଆପଣ କ୍ୱେଟାରେ ଥିଲେ । ତେବେ ଅମୀର୍ ସାହେବ ଜମାଅତ୍ ଅହେମଦିୟା କ୍ୱେଟା କହିଲେ, ମୌଲବୀ ସାହେବ ! ଆପଣଙ୍କୁ କାଦିୟାନ୍ ଡକା ଯାଇଛି । ଦେଶ ବିଭାଜନ ସମୟ ଥିଲା । ଅର୍ଥାତ୍ ଭାରତ ପାକିସ୍ତାନ ବିଭାଜନ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ହେଉଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ ପ୍ରବାସ କରି ଲାହୋର୍ ଠାରେ ଅବସ୍ଥାନ କରୁଥିଲେ ।

ମୌଲବୀ ଅୟୁବ୍ ସାହେବ ଯେତେବେଳେ ଲାହୋର ପହଞ୍ଚିଲେ ସେତେବେଳେ ତାଙ୍କୁ ଏହା କୁହାଗଲା କି ମୌଲବୀ ସାହେବ ! କାଦିୟାନ୍ ଯିବା ନିମନ୍ତେ ଶେଷ ଟ୍ରକ୍ ଯାଉଛି । ସମ୍ଭବତଃ ଏହା ପରେ ଆଉ କୌଣସି ଟ୍ରକ୍ ନଯାଇ ପାରେ । ତେଣୁ ଆପଣ କାଦିୟାନ୍ ଚାଲି ଯାଆନ୍ତୁ । କାଦିୟାନ୍ ଠାରେ ପହଞ୍ଚି ମୌଲବୀ ଅୟୁବ୍ ବଟ୍ ସାହେବଙ୍କୁ କାଦିୟାନ୍‌ର ବିଭିନ୍ନ ସ୍ଥାନରେ ସୁରକ୍ଷା ଡ଼ିୟୁଟି ଦେବା ନିମନ୍ତେ ସୁଯୋଗ ପ୍ରାପ୍ତ ହେଲା । ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ନିର୍ଦ୍ଦେଶ କ୍ରମେ ଯେତେବେଳେ ଭାରତରେ ତବ୍‌ଲିଗି ସ୍ଥାନମାନଙ୍କରେ ମୁଅଲ୍ଲିମ୍‌ମାନଙ୍କୁ ପ୍ରେରଣ କରାଯାଉଥିଲା ସେତେବେଳେ ମୌଲବୀ ସାହେବଙ୍କୁ ୟୁ.ପିର ଝାନ୍‌ସୀ ଜିଲ୍ଲାକୁ ପ୍ରେରଣ କରି ଦିଆଗଲା । ସେଠାରେ ମୌଲବୀ ସାହେବ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟ ସମ୍ପାଦନ କଲେ । ସ୍ୱର୍ଗତ ମୌଲବୀ ସାହେବଙ୍କ ହିନ୍ଦୁମାନଙ୍କ ସହିତ ବହୁତ ଭଲ ସଂପର୍କ (ସୁସଂପର୍କ) ଥିଲା ।

ଏକଦା ଜଣେ ଜଣେ ହିନ୍ଦୁ ଗୁରୁଜୀ ଅସୁସ୍ଥ ହୋଇଗଲେ । ତାଙ୍କର ଶିଷ୍ୟ ଆସି ମୌଲବୀ ସାହେବଙ୍କୁ କହିଲେ, ମୌଲବୀ ସାହେବ ! ଗୁରୁଜୀ ବହୁତ ଅସୁସ୍ଥ ଅଛନ୍ତି, ତେଣୁ ଆପଣ କିଛି ଔଷଧ ଦିଅନ୍ତୁ । ସୁତରାଂ ମୌଲବୀ ସାହେବ ଶିଷ୍ୟଙ୍କୁ କହିଲେ, ହେ ଶିଷ୍ୟ ! ତୁମେ କାଲି ସକାଳେ ଆସିବ । ମୌଲବୀ ସାହେବ ଯେତେବେଳେ ରାତ୍ରରେ ଶୋଇଲେ ସେତେବେଳେ ଆପଣ ସ୍ୱପ୍ନ ଦେଖିଲେ ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ସ୍ୱପ୍ନରେ ଆସିଛନ୍ତି ଏବଂ ଆପଣ ର.ଅ ମୌଲବୀ ସାହେବଙ୍କ ସମ୍ମୁଖରେ ନିଜ ଔଷଧ ବାକ୍ସ ଖୋଲିଦେଲେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ମୌଲବୀ ସାହେବଙ୍କୁ କହିଲେ, ମୌଲବୀ ସାହେବ୍ ! ଏହି ଔଷଧଟା ଗୁରୁଜୀଙ୍କୁ ଦେଇ ଦେବ । ମୌଲବୀ ସାହେବ ବର୍ଣ୍ଣନା କଲେ ଯେ, ମୁଁ ସକାଳେ ଯେତେବେଳେ ନିଦରୁ ଉଠିଲି ସେତେବେଳେ ସେହି ଔଷଧ ବୋତଲଟି ମୋ ହାତରେ ରହିଥିଲା । ଏତଦ୍‌ପରେ ମୌଲବୀ ସାହେବ କହିଲେ, ମୁଁ ସେହି ବୋତଲ ମଧ୍ୟରୁ ତିନି ବୁନ୍ଦା ଗୁରୁଜୀଙ୍କୁ ଔଷଧ ଦେଲି ଏବଂ ଗୁରୁଜୀ ସୁସ୍ଥ ମଧ୍ୟ ହୋଇଗଲେ ।

ଭାରତ ବର୍ଷର ବିଭିନ୍ନ ସ୍ଥାନମାନଙ୍କରେ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଇତି ମଧ୍ୟରେ କର୍ମଭୂମିରେ ହିଁ ସେ ହୋମିଓପ୍ୟାଥି ଡିଗ୍ରୀ ପ୍ରାପ୍ତ ମଧ୍ୟ କରିନେଲେ । ଅନେକ ପୁଣ୍ୟସ୍ୱଭାବର ଅଧିକାରୀ ବ୍ୟକ୍ତିମାନଙ୍କୁ ମୌଲବୀ ସାହେବଙ୍କ ମାଧ୍ୟମରେ ଅହେମଦିୟତ୍ ସ୍ୱୀକାର କରିବାର ସମାର୍ଥ୍ୟ ଲାଭ ହୋଇଥିଲା। ମୌଲବୀ ଅୟୁବ୍ ସାହେବଙ୍କର ସୁପୁତ୍ର ଡାକ୍ତର ମେହ୍‌ମୁଦ୍ ଅହେମଦ ବଟ୍ ସାହେବ ଓ ତାଙ୍କର ପତ୍ନୀ ଅର୍ଥାତ ମୌଲବୀ ଅୟୁବ୍ ବଟ୍ ସାହେବଙ୍କର ବଧୂ ଡାକ୍ତରାଣୀ ମଞ୍ଜୁ ବଟ୍ ମଧ୍ୟ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି । ସେ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଘାନାରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ଡାକ୍ତର ମେହ୍‌ମୁଦ୍ ସାହେବ ଆଜିକାଲି ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ସେବା ସମ୍ପାଦନ କରୁଛନ୍ତି । ସେହିପରି ତାଙ୍କର ଦ୍ୱିତୀୟ ପୁତ୍ର ମଧ୍ୟ ଆମେରିକାରେ ଡାକ୍ତର ଅଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପଞ୍ଚମ ଯନାଜାଃ ହେଲା ୟୁ.ଏସ୍.ଏର ନାଏବ୍ ଅମୀର୍ ଜମାଅତ୍ ଡାକ୍ତର ମଲକ୍ ମସ୍‌ଉଦ୍ ସାହେବଙ୍କର । ସ୍ୱର୍ଗତଙ୍କ ମଧ୍ୟ ବିଗତ ଦିନରେ 86 ବର୍ଷ ବୟସରେ ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ। ଅଲ୍ଲାଃତାଲାଙ୍କ କୃପାରୁ ଡାକ୍ତର ମଲକ୍ ମସ୍‌ଉଦ୍ ସାହେବ ମୁସି (ଓସିୟତ୍‌କାରୀ) ଥିଲେ । ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ଅଲ୍‌ହାଜ୍ ମୌଲବୀ ଅବ୍‌ଦୁଲ୍ଲାଃ ସାହେବ ର.ଅଙ୍କ ପ୍ରପୌତ୍ର ଓ ମଲକ୍ ଅବ୍‌ଦୁର୍ ରହ୍‌ମାନ୍ ସାହେବଙ୍କର ପୌତ୍ର ଥିଲେ। ଅଲ୍ଲାଃତାଲାଙ୍କ କୃପାରୁ 2000 ମସିହାରେ ତାଙ୍କୁ ହଜ୍ କରିବାର ମଧ୍ୟ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ସେ ପାକିସ୍ତାନରୁ ଶିକ୍ଷା ସମାପ୍ତ (ବିଦ୍ୟାର୍ଜନ) କରିଥିଲେ । ପୁନଶ୍ଚ ଏହାପରେ ସେ ଉଚ୍ଚ ଶିକ୍ଷା ନିମନ୍ତେ ଆମେରିକା ଚାଲି ଯାଇଥିଲେ । ଆମେରିକାର University of Nebraskaରୁ Animal Nutritionରେ ପି.ଏଚ୍.ଡ଼ି କରିଥିଲେ । ଏତଦ୍‌ପରେ ସେ ବିଭିନ୍ନ ସ୍ଥାନରେ ଚାକିରୀ କରିଥିଲେ । ଜଜମାଅତୀୟ ସେବାରେ ସ୍ୱର୍ଗତ ଡାକ୍ତର ମଲକ୍ ମସ୍‌ଉଦ୍ ସାହେବଙ୍କୁ 2013 ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ନାଏବ୍ ଅମୀର୍ ଜମାଅତ୍ ଆମେରିକା ଓ 1988 ମସିହାରୁ 2013 ମସିହା ପର୍ଯ୍ୟନ୍ତ ଆମେରିକା ଜମାଅତ୍‌ର ଜେନେରାଲ୍ ସେକ୍ରେଟାରୀ ଭାବେର ଦାୟିତ୍ୱ ତୁଲାଇବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଏତଦ୍‌ଭିନ୍ନ ବିଭିନ୍ନ ଜମାଅତ୍‌ମାନଙ୍କରେ ଯେଉଁଠି ବି ଆପଣ ରହିଥିଲେ ସେଠାରେ ଆପଣ ସଦର୍ ମଧ୍ୟ ହୋଇଥିଲେ । ଆପଣ ୱାଶିଙ୍ଗଟନ୍ ଠାରେ ମଧ୍ୟ ସଦର୍ ଜମାଅତ୍ ରହିଥିଲେ ।

ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ ଖଲିଫା) ରହେମହୁଲ୍ଲାଃ ତାଆଲା ଅନହୁଙ୍କ ପୁସ୍ତକ Revelation Rationality Knowledge and Truth ନିମନ୍ତେ ବିଭିନ୍ନ ବିଜ୍ଞାନ ସମ୍ବନ୍ଧୀୟ ସମାଚାରପତ୍ରରୁ ପ୍ରାମାଣ୍ୟ ଖୋଜିବା କାର୍ଯ୍ୟରେ ତାଙ୍କୁ ନିଜ ଦଳ ସହିତ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଏଥି ସମ୍ବନ୍ଧରେ ସ୍ୱର୍ଗତଙ୍କ ଠାରୁ ମଧ୍ୟ କାମ ଆଦାୟ (ସାହାଯ୍ୟ ନେଇଥିଲେ) କରିଥିଲେ ଏବଂ ଉକ୍ତ କାର୍ଯ୍ୟ କିଛି ବର୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଟେ ।

ଆମେରିକାର ଅମୀର୍ ଜମାଅତ୍ ସାହେବ ଉଲ୍ଲେଖ କରନ୍ତି ଯେ, ଡାକ୍ତର ସାହେବ ଅନେକ ଦଶକ ପର୍ଯ୍ୟନ୍ତ ଆମେରିକାରେ ସଂପୂର୍ଣ୍ଣ ନିଷ୍ଠାପରତା ଓ ବିଶ୍ୱସ୍ତତାର ସହିତ ସେବା ସମ୍ପାଦନ କଲେ । ଆପଣ ଖିଲାଫତ୍‌ର ଆଜ୍ଞାନୁବର୍ତ୍ତୀ ଏବଂ ଆଜ୍ଞାକାରୀ ଓ ଉପସ୍ଥିତ ଖଲିଫାଙ୍କ ଆଦେଶାବଳୀ ଉପରେ ସର୍ବଦା ଲବ୍‌ବୈକ୍ (ଉପସ୍ଥିତ ଅଛି) କୁହୁଥିଲେ ଏବଂ ଜମାଅତୀୟ ବ୍ୟବସ୍ଥା ସଂପର୍କରେ ଜ୍ଞାନ ଆହାରଣକାରୀ ଓ ଏହାର ମହତ୍ତ୍ୱକୁ ସେ ମର୍ମେ ମର୍ମେ ଅନୁଭବ କରୁଥିଲେ । ଆପଣ ଜମାଅତ୍‌ର ବ୍ୟବସ୍ଥା ଏବଂ ମହତ୍ତ୍ୱକୁ ମର୍ମେ ମର୍ମେ ହୃଦୟଙ୍ଗମ କରୁଥିଲେ । ଆମେ ସ୍ୱର୍ଗତ ମହୋଦୟଙ୍କୁ ସର୍ବଦା ଜମାଅତୀୟ ବ୍ୟବସ୍ଥା ପ୍ରତି ଆଜ୍ଞାନୁବର୍ତ୍ତୀ ବ୍ୟକ୍ତି ରୂପେ ପାଇଛୁ । ସ୍ୱର୍ଗତଙ୍କର ପତ୍ନୀ ଶ୍ରୀମତୀ ଫରିଦା ସାହେବା କୁହନ୍ତି: "ମଲକ୍ ସାହେବ ନିଜର ଅଧିକାଂଶ ସମୟ ଧର୍ମ ସେବାରେ ଅତିବାହିତ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ସପ୍ତାହରେ 4 ଦିନ 10 ଘଣ୍ଟା ପର୍ଯ୍ୟନ୍ତ ଚାକିରୀ କରୁଥିଲେ । କାରଣ ଜୁମା (ଶୁକ୍ରବାର), ହଫ୍‌ତା (ଶନିବାର) ଓ ରବିବାର ଦିନ ନିୟମିତ ରୂପେ ସାରା ଦିନ ଜେନେରାଲ୍ ସେକ୍ରେଟାରୀରେ କାର୍ଯ୍ୟ ଯେପରି ଆପଣ କରିପାରିବେ ଏବଂ ନିଜ ଚାକିରୀରେ ମଧ୍ୟ 10 ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବା ପରେ ବେଳେବେଳେ ସିଧା ସଳଖ ଆପଣ ମସ୍‌ଜିଦକୁ ଚାଲି ଯାଉଥିଲେ । ରାତ୍ରରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆପଣ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ପତ୍ନି କୁହନ୍ତି ଯେ, ସ୍ୱର୍ଗତ ସ୍ୱାମୀ ମହୋଦୟ କାର୍ଯ୍ୟାଳୟରେ ଯିବା ସମୟରେ ଜଳଖିଆ ଏହା ଭାବି ଗାଡ଼ିରେ ନେଇ ଯାଉଥିଲେ ଯେ, ସମୟ ଯଦି ବଳିଲା ତେବେ ମୁଁ ଜମାଅତ୍‌ର କାମ କରି ପାରିବି ।"

ଜମାଅତ ସମ୍ପତ୍ତିର ସୁରକ୍ଷା ଏବଂ ଜମାଅତ୍ ପଇସା ଖର୍ଚ୍ଚ କରିବାରେ ମଧ୍ୟ ସେ ଖୁବ୍ ସତର୍କତା ଅବଲମ୍ବନ କରୁଥିଲେ । କେବେଳ ସେତିକି ନୁହେଁ ବରଂ ସେ ଜଣେ ବନ୍ଧୁଙ୍କୁ (ସେଠିକାର ଜଣେ କର୍ମଚାରୀଙ୍କୁ) କହିଲେ, ଜମାଅତ୍‌ରେ ଆର୍ଥିକ ସ୍ୱଚ୍ଛଳତା ତ' ସୃଷ୍ଟି ହୋଇ ଯାଇଛି । କିନ୍ତୁ ଲୋକମାନେ ଯେଉଭଳି ଭାବରେ ଖର୍ଚ୍ଚ କରିବା ଉଚିତ୍ ସେଭଳି କେତେକ ଲୋକମାନେ ନିଜର ଧନକୁ ସଠିକ ବ୍ୟୟ ଓ ସଠିକ୍ ବିନିଯୋଗ କରୁ ନାହାନ୍ତି ଅର୍ଥାତ୍ ବ୍ୟୟ କରୁ ନାହାନ୍ତି । ଲୋକମାନେ ଅନାବଶ୍ୟକ ଅର୍ଥ ବ୍ୟୟ (ଖର୍ଚ୍ଚ) କରୁଛନ୍ତି । ଯେଉଁମାନେ ପୁରୁଣା ଲୋକମାନେ ଅଛନ୍ତି ସେମାନେ ଏହି ଦୁଃଖ ପ୍ରକାଶ କରନ୍ତି ଯେ, ଜମାଅତ୍‌ର ଅର୍ଥ ଅର୍ଥାତ୍ ଟଙ୍କା ପଇସା ଯେଉଭଳି ବ୍ୟବହାର ହେବା ଉଚିତ୍ ସେଭଳି ସଦୁପଯୋଗ ହେଉ ନାହିଁ । ଏଥି ସଂକ୍ରାନ୍ତରେ ମଧ୍ୟ ସମସ୍ତ ପଦାଧିକାରୀଙ୍କୁ ଧ୍ୟାନ ଦେବା ଉଚିତ୍ । ସ୍ୱର୍ଗତ ଡାକ୍ତର ମଲକ୍ ମସ୍‌ଉଦ୍ ସାହେବଙ୍କର ସୁପୁତ୍ରୀ ସାରା ସାହେବା କୁହନ୍ତି: "ମୁଁ ସ୍ୱର୍ଗତ ପିତାଶ୍ରୀଙ୍କୁ ସର୍ବଦା ଜମାଅତ୍‌ର ସେବାରେ ନିମଜ୍ଜିତ ରହୁଥିବାର ଦେଖୁଥିଲି । ପିତାଶ୍ରୀ ଘରେ ନିଜ ଟେବୁଲ୍ ସମ୍ମୁଖରେ ଏକ ବଡ଼ ସାଇନ୍ ଲଗେଇଥିଲେ (ବ୍ୟାନର ବା ସାଇନ୍ ବୋର୍ଡ଼) ଲଗାଇଥିଲେ । ଉକ୍ତ ସାଇନ୍ ବୋର୍ଡ଼ରେ ଏହା ଉଲ୍ଲେଖ ଥିଲାଯେ, "**What have I done today in the service of my Jama'at**" । ବାସ୍ତବିକ ସ୍ୱର୍ଗତ ପିତାଶ୍ରୀ ମହୋଦୟ ପ୍ରକୃତ ଭାବରେ ପ୍ରତ୍ୟେକ ଦିନ ଜମାଅତ୍‌ର ସେବା କରିବାରେ ନିଜର ସମୟକୁ ଅତିବାହିତ କରିଥିଲେ । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଡାକ୍ତର ମଲକ୍ ମସଉଦ୍ ସାହେବଙ୍କର ଭାଇ ମୁବାରକ୍ ସାହେବ କୁହନ୍ତି: "ଭାଇ ମସଉଦ୍ ସାହେବ ବୈତୁର୍ ରହମାନ୍ ମସ୍‌ଜିଦର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ପରେ ପ୍ରତିଦିନ କାମ ସାରି ସିଧା ସଳଖ ମସ୍‌ଜିଦ୍ ଆସୁଥିଲେ ଏବଂ ରାତିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜମାଅତ୍‌ର କାମରେ ବ୍ୟସ୍ତ ରହୁଥିଲେ । ବିଶେଷ କରି ମଜ୍‌ଲିସେ ଶୁରା ଦିନମାନଙ୍କରେ ତାଙ୍କର ଦାୟିତ୍ୱ ବୃଦ୍ଧି ପାଉଥିଲା । ସ୍ୱର୍ଗତ ଭାଇ ମହୋଦୟ ଅନେକ ସପ୍ତାହ ପର୍ଯ୍ୟନ୍ତ ଜମାଅତ୍‌ର କାର୍ଯ୍ୟ ଏବଂ ଜମାଅତର ସେବାରେ ନିଜର ସମୟକୁ ଅତିବାହିତ କରୁଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଡାକ୍ତର ମଲକ୍ ମସ୍‌ଉଦ୍ ସାହେବଙ୍କୁ ଚିହ୍ନିଥିବା ଅନେକ ଲୋକମାନେ ଉଲ୍ଲେଖ କରନ୍ତି ଯେ, ଜମାଅତ୍‌ର ବ୍ୟବସ୍ଥା ନିମନ୍ତେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଆପଣଙ୍କ ମନରେ ଖୁବ୍ ସମ୍ମାନ ଏବଂ ସତ୍କାର ରହିଥିଲା । ନିଜର ସନ୍ତାନମାନଙ୍କ ମଧ୍ୟରେ ମଧ୍ୟ ଆପଣ ଜମାଅତ ପ୍ରତି ପ୍ରେମ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରିଥିଲେ। ସେ ସ୍ୱୟଂ ମଧ୍ୟ ଧର୍ମପରାୟଣତା ମାର୍ଗରେ ଚାଲୁଥିଲେ ଏବଂ ନିଜର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଧର୍ମ ପାରୟଣ ମାର୍ଗରେ ଚାଲିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ନିକଟ ସଂପର୍କୀୟ ଏବଂ ଦୂରରେ ଥିବ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଆପଣଙ୍କର ଏକ ବିଶେଷ ଗୁଣ ଥିଲା । ଅଭାବି ତଥା ଦରିଦ୍ର ଲୋକମାନଙ୍କୁ ସର୍ବଦା ସାହାଯ୍ୟ କରୁଥିଲେ ଏବଂ ରୋଗୀମାନଙ୍କୁ ସର୍ବପ୍ରଥମେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ । ଆପଣ ଜଣେ ଉଦ୍ୟମୀ, ପରିଶ୍ରମୀ ବ୍ୟକ୍ତି, ବିନୀତ, ଅତିଥି ସତ୍କାରକ, ଜ୍ଞାନର ସାମର୍ଥ୍ୟଧିକାରୀ ଅର୍ଥାତ୍ ଜଣେ ବିଦ୍ୱାନ ବ୍ୟକ୍ତି, ଜଣେ ନିଷ୍ଠାପର, ନୈଷ୍ଠିକ ଓ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ପ୍ରତ୍ୟେକ କାର୍ଯ୍ୟକୁ ଅତ୍ୟନ୍ତ ବିସ୍ତୃତ ଓ ଅତି ସୂକ୍ଷ୍ମତାର ସହିତ ସମ୍ପାଦନକାରୀ ଓ ନିଜର ଦାୟିତ୍ୱକୁ ହୃଦୟଙ୍ଗମ କରି ତାହାକୁ ସମ୍ପାଦନ କରୁଥିଲେ । ମସ୍‌ଜିଦ୍‌ରେ ସର୍ବାଧିକ ଭାବରେ ନିଜର ସମୟକୁ ଅତିବାହିତ କରିବା ନିମନ୍ତେ ଉଦ୍ୟମ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠ ପୁରରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍।** ସେହିପରି ସ୍ୱର୍ଗତଙ୍କର ସନ୍ତାନ ସନ୍ତତି ଓ ପରବର୍ତ୍ତୀ ପିଢୀଙ୍କୁ ମଧ୍ୟ ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ପରବର୍ତ୍ତୀ ଯେଉଁ ମୃତକଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ଶବ୍‌ବିର ଅହେମଦ ଲୋଧି ସାହେବ୍ । ସ୍ୱର୍ଗତ ଶବ୍‌ବିର ଅହେମଦ୍ ଲୋଧି ସାହେବ ସ୍ୱର୍ଗତ ମିଆଁ ମୁହମ୍ମଦ ଶଫି ସାହେବଙ୍କର ସୁପୁତ୍ର ଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମର ଜଣେ ମୁବଲ୍ଲିଗ୍ ସିଲସିଲା ଯାହାଙ୍କର ନାମ ଫର୍ଖ ଶବ୍‌ବିର ଲୋଧି ଅଟେ ତାଙ୍କର ପିତା ହେଉଛନ୍ତି ସ୍ୱର୍ଗତ ଶବ୍‌ବିର ଲୋଧି  ସାହେବ । ବିଗତ ଦିନରେ 62 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ ।

ସ୍ୱର୍ଗତ ଶବବିର ଲୋଧି ସାହେବଙ୍କ ବଂଶରେ ଅହେମଦିୟତ୍ ଲୋଧି ନଙ୍ଗଲ୍‌ର ଅଧିବାସୀ ତଥା ତାଙ୍କର ଦଦା ମିଆଁ ଶାହାବୁଦ୍ଦୀନ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ତାଙ୍କୁ ପ୍ରାରମ୍ଭିକ କାଳରେ ଖିଲାଫତେ ସାନିୟା (ଦ୍ୱିତୀୟ ଖଲିଫାଙ୍କ) କାଳରେ ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହେବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତ ଶବ୍‌ବିର ଲୋଧି ସାହେବ ମୁସି (ଓସିୟତକାରୀ) ଥିଲେ । ସ୍ୱର୍ଗତଙ୍କର ଜ୍ୟେଷ୍ଠ ପୁତ୍ର ଫର୍ଖ ଶବ୍‌ବିର ଲୋଧି ସାହେବ ଲାଇବେରିୟାର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ଫର୍ଖ ସାହେବ ଦୀର୍ଘ ବର୍ଷ ଧରି ସେଠାରେ (ଲାଇବେରିୟାରେ) ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରୁଛନ୍ତି । କର୍ମଭୂମିରେ ସେବା ତଥା କାର୍ଯ୍ୟରତ ଥିବା ହେତୁ ସମ୍ମାନନୀୟ ଫର୍ଖ ଶବ୍‌ବିର ଲୋଧି ସାହେବ ନିଜ ପିତାଶ୍ରୀଙ୍କ ଯନାଜାଃ (ଅନ୍ତିମ ସଂସ୍କାର) ଓ ତଦ୍‌ଫିନ୍ (କବର ଦେବା)ରେ ସାମିଲ୍ ହୋଇ ପାରିଲେ ନାହିଁ ।

ଫର୍ଖ ଶବ୍‌ବିର୍ ଲୋଧି (ମୁବଲ୍ଲିଗ୍ ସିଲସିଲା) ନିଜ ପିତାଶ୍ରୀଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, "ଅଲ୍ଲାଃତାଲଙ୍କ କୃପାରୁ ସ୍ୱର୍ଗତ ପିତାଶ୍ରୀ ମହୋଦୟ ତେହଜ୍ଜୁଦ୍ ନମାଜ୍‌ର ନିୟମାନୁବର୍ତ୍ତୀ ଥିଲେ, ପାଞ୍ଚବେଳା ନମାଜର ନିୟମାନୁବର୍ତ୍ତୀ, ଏପର୍ଯ୍ୟନ୍ତକି ନମାଜ ବାଜମାଅତ୍‌ର ମଧ୍ୟ ବ୍ୟବସ୍ଥା କରୁଥିଲେ, ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତି, ପବିତ୍ର କୁରଆନ୍ କରୀମ୍ ଏବଂ ଜମାଅତ୍‌ର ଲିଟ୍ରେଚର ପ୍ରଭୃତିର ଅଧ୍ୟୟନକାରୀ, ଖିଲାଫତ୍‌କୁ ପ୍ରେମ (ଭଲ) ପାଉଥିବା ବ୍ୟକ୍ତି, ନିୟମିତ ହୁଜୁର ଅନ୍‌ୱରଙ୍କ ଖୁତ୍‌ବା ଶ୍ରବଣକାରୀ (ଶୁଣିଲା ବାଲା), ବିଭିନ୍ନ ତେହ୍‌ରିକାତ୍ (ଆହ୍ୱାନ ଗୁଡ଼ିକରେ) ଲବ୍‌ବୈ କୁହାଲୀ (କହିଲାବାଲା), ସୁସ୍ଥ ଥିଲାବେଳେ ନଫିଲ୍ ରୋଜା ନିୟମିତ ରଖୁଥିଲେ । ସର୍ବଦା ଜମାଅତ୍‌ର ସେବା କରିବା ନିମନ୍ତେ ତତ୍ପର ରହୁଥିଲେ, ଉତ୍ସର୍ଗୀକୃତ ଜୀବନ ଥିବା ବ୍ୟକ୍ତିମାନଙ୍କୁ ବହୁତ ଭଲ ପାଉଥିଲେ । ପଦାଧିକାରୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା, ନିଜାମେ ଜମାଅତ୍ (ଜମାଅତୀୟ ବ୍ୟବସ୍ଥା) ନିମନ୍ତେ ସ୍ୱାଭିମାନୀ, ପ୍ରେମ ଏବଂ ସଂସ୍କାରକାରୀ, କ୍ଷମାଯାଚନାକାରୀ, କଷ୍ଟ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦର୍ଶନକାରୀ ବ୍ୟକ୍ତି, ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସକାରୀ ବ୍ୟକ୍ତି, ନିଜର ଅସୁବିଧା ଏବଂ ସମସ୍ୟାକୁ ଅଲ୍ଲାଃତାଲାଙ୍କ ସମକ୍ଷରେ ଅତ୍ୟନ୍ତ ବିନୀତ, ବିନମ୍ର ଓ କାକୁତି ମିନତୀ ଭାବରେ ଉପସ୍ଥାପିତ କରୁଥିଲେ । ଅନ୍ୟର ଅସୁବିଧା ସମୟରେ ସାହାଯ୍ୟ କରିବା ନିମନ୍ତେ ଯଥାସମ୍ଭବ ପ୍ରୟାସ କରୁଥିଲେ । କାହାରି ପ୍ରତି ନିଜ ମନରେ ରାଗ ରୋଷର ଭାବାବେଗ ପୋଷଣ କରୁ ନଥିଲେ । ଯେକୌଣସି ସଫଳତାକୁ ଅଲ୍ଲାଃତାଲାଙ୍କ ବିଶେଷ କୃପା ବୋଲି ବିବେଚିତ କରୁଥିଲେ । ନ୍ୟାୟ ପ୍ରଦର୍ଶନକାରୀ, ନ୍ୟାୟପ୍ରିୟ, ସଠିକ୍ ମତ ପ୍ରଦାନକାରୀ, ଅତିଥି ସତ୍କାରକ ଏବଂ ମୁକ୍ତ ହୃଦୟରେ ଆର୍ଥିକ ସାହଯ୍ୟ କରୁଥିଲେ । ନିଜର ଅଧିନସ୍ଥ କର୍ମଚାରୀଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ହୁଜୁର ଅନ୍‌ୱର ଅ.ବ କହିଲେ, ଉକ୍ତ କଥା କେବଳ ତାଙ୍କର ସୁପତ୍ର ଫର୍ଖ ସାହେବ କହୁ ନାହାନ୍ତି ବରଂ ଅନ୍ୟ ଲୋକମାନେ ମଧ୍ୟ ଏଥି ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି । ଆପଣ ଜଣେ ପୁଣ୍ୟବାନ୍ ଓ ଜଣେ ସଦାଚାରୀ ବ୍ୟକ୍ତି ଥିଲେ ।

ଗୁଜ୍‌ରାନାୱାଲା ଠାରେ ଏକଦା କଲମା ଲିଭାଇବାର ଆହ୍ୱାନ (ତେହ୍‌ରିକ୍) (ଗୈର ଅହେମଦିଙ୍କ ପକ୍ଷରୁ) ଆରମ୍ଭ ହେଲା ସେତେବେଳେ ମସ୍‌ଜିଦ୍‌ରୁ ଆମର କଲ୍‌ମା ଲିଭାଇ ଦିଆଯାଉଥିଲା । ପ୍ରତ୍ୟେକ ଥର ଯେତେବେଳେ ଆମର କଲମା ଲିଭାଇ ଦିଆଯାଉଥିଲା ସେତେବେଳେ ସ୍ୱର୍ଗତ ଶବ୍‌ବିର ଲୋଧି ସାହେବଙ୍କୁ ଲେଖିବା

## ସଦର୍ ଅଞ୍ଜୁମନ୍ ଅହେମଦିୟା, ତେ୍‌ହରିକେ ଜଦିଦ୍, ଅଞ୍ଜୁମନ୍ ୱକ୍‌ଫେ ଜଦିଦ୍ ଏବଂ ଜେଲି (ଅଧୀନସ୍ଥ) ତନଜିମାତ୍ (ଗୋଷ୍ଠୀ) କାଦିୟାନ୍‌ର କାର୍ଯ୍ୟାଳୟମାନଙ୍କରେ, ଆର୍ଥିକ/କେୟାର ଟେକର୍/ଚୌକିଦାର (ଜଗୁଆଳୀ)/ ରୋଷେୟା/ରୁଟି ସେକାଳୀ/ମସ୍‌ଜିଦ୍‌ର ସେବାକ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କର ଆବଶ୍ୟକତା ରହିଛି

**ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 40 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ ଉଚିତ୍ ।

(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ । କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ହିଁ ପ୍ରାଧାନ୍ୟ ଦିଆଯିବ ।

(3) ସାପ୍ତାହିକ ବଦର୍‌ରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।

(4) ଯେଉଁ ପ୍ରାର୍ଥୀମାନେ ମର୍କଜି ପଦବୀ ପୂରଣ କମିଟିଙ୍କ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ ସଫଳ ହେବେ ସେହି ପ୍ରାର୍ଥୀମାନେ ସେବା ନିମନ୍ତେ ଯୋଗ୍ୟ ବିବଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ରୁ ମେଡ଼ିକାଲ (ଡାକ୍ତରୀ) ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ।

(6) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବା (ରହଣୀ) ନିମନ୍ତେ ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) ଯାତ୍ରା ବା ଗସ୍ତ ଖର୍ଚ୍ଚ, କାଦିୟାନ୍ ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

(**ନୋଟ୍**: ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 0988232530, କାର୍ଯ୍ୟାଳୟ:- 01872-501130, Email:diwan@qadian.in**

☆ ☆ ☆

## କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ୍‌ମିଶନ ନିମନ୍ତେ ଘୋଷଣା
## ଶିକ୍ଷାବର୍ଷ: 2025-2026
### (ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ଼ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି)
### (Ahmadiyya vocational training centre)

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2025 ଠାରୁ ଆରମ୍ଭ ହୋଇଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରନ୍ତୁ- darulsanaat.qadian@gmail.com, 9872725895, 8604024043,

**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

ନିମନ୍ତେ ନିଯୁକ୍ତ କରାଯାଉଥିଲା ।

ସୁତରାଂ ଯେତେବେଳେ ବି କଲ୍‌ମା ଲିଭାଇ ଦିଆଯାଉଥିଲା ସେତେବେଳେ ଆପଣ ହିଁ ତୁରନ୍ତ ଯାଇ କଲ୍‌ମା ଲେଖି ଦେଉଥିଲେ। ସ୍ୱର୍ଗତ ମହୋଦୟ ଅତ୍ୟନ୍ତ ସାହସିକତାର ସହିତ ସେହି ସମୟରେ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିଥିଲେ । ସେହିପରି ତାଙ୍କର ଆଉ ଏକ ବୃହତ୍ ବିଶେଷତା ଏହିକି ଯେ, ତାଙ୍କୁ ଯେତେବେଳେ କୌଣସି ବ୍ୟକ୍ତି ପକ୍ଷରୁ କଷ୍ଟ ପହଞ୍ଚୁଥିଲା ସେତେବେଳେ ସେ ପାଲଟା ଉତ୍ତର ଦେଉ ନଥିଲେ ବରଂ ଧୈର୍ଯ୍ୟ ଓ ସାହାସ ପ୍ରଦର୍ଶନ କରୁଥିଲେ ଏବଂ ନିଜର ପ୍ରସଙ୍ଗକୁ ଅଲ୍ଲାଃତାଲାଙ୍କ ଉପରେ ଛାଡ଼ି ଦେଉଥିଲେ । ନିଜର ଦୁଆ ମାଧ୍ୟମରେ ସେ ନିଜର ଦୁଃଖ କଷ୍ଟ ତଥା ସମସ୍ୟାର ନିବାରଣ ଓ ମୁକାବିଲା କରୁଥିଲେ । ଆପଣ ଯେଉଁ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ, ଛାତ୍ରମାନଙ୍କୁ ପାଠ ପଢାଉଥିଲେ ସେଠାରେ ତାଙ୍କର ସହ ଶିକ୍ଷକ ସାଥିମାନେ ମଧ୍ୟ ଆପଣଙ୍କର ବିରୋଧ କରିଥିଲେ । କେବଳ ସେତିକି ନୁହେଁ ସେହି ବିରୋଧୀ ଶିକ୍ଷକମାନେ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ମଧ୍ୟ କହିଲେ, ଯେ, ସେ ଯଦି ସ୍ୱର୍ଗତ ଶବ୍‌ବିର ଲୋଧି ସାହେବଙ୍କୁ ଗୁଳି କରି ହତ୍ୟା କରିଦେବ ତେବେ ସେମାନେ ଉକ୍ତ ଛାତ୍ରକୁ ପୁରସ୍କୃତ କରିବେ ।

ହୁଜୁର ଅନ୍‌ୱର୍ କହିଲେ, ସେ ଯାହା ହେଉ ଅଲ୍ଲାଃତାଲା ସ୍ୱର୍ଗତଙ୍କୁ ସର୍ବଦା ନିଜ ସୁରକ୍ଷା ବଳ ମଧ୍ୟରେ ରଖୁଥିଲେ ଏବଂ ଆପଣ ଅତ୍ୟନ୍ତ ସାହସିକତାର ସହିତ ଏବଂ ଦାମ୍ଭିକତାର ସହିତ ସେଠାରେ କାର୍ଯ୍ୟ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରି ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କ ରକ୍ଷକ ହୁଅନ୍ତୁ । **ଆମିନ୍।** ହୁଜୁର ଅନ୍‌ୱର ଅ.ବ କହିଲେ ନମାଜ ଜୁମା ପରେ ମୁଁ ଏହି ମୃତକମାନଙ୍କର ନମାଜ ଯନାଜାଃ ପାଠ କରିବି ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 3 ଜାନୁୟାରୀ, 2025 ମସିହା, ପୃ-2-6)**

☆ ☆ ☆

## ପୃ-2ରେ ବର୍ଣ୍ଣିତ ଜଲ୍‌ସା ସାଲାନ ସଂପର୍କିତ ରିପୋର୍ଟର ଅବଶିଷ୍ଟାଂଶ....

ସେମାନେ ଇସ୍‌ଲାମ୍ ଧର୍ମର ଅର୍ଥ ଓ ଅଭିପ୍ରାୟ ଠାରୁ ଅପରିଚିତ ତଥା ଅନବଗତ ଅଟନ୍ତି । ଅନ୍ୟଥା କୌଣସି କାରଣ ନଥିଲା ଯେ, ସେମାନେ ସତ୍ୟବାଦୀ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରନ୍ତେ । ଉକ୍ତ ଶତ୍ରୁତା ପ୍ରଦର୍ଶନ କରିବା ଫଳରେ ସେମାନେଙ୍କୁ ଅବଜ୍ଞାକାରୀ ବ୍ୟକ୍ତି ରୂପେ ବିବେଚିତ କରିଦିଆ ଯାଇଥାଏ । "

**(ମଲ୍‌ଫୁଜାତ୍, ଭାଗ-1, ପୃ-228, ପ୍ରକାଶନ ସ୍ଥାନ, କାଦିୟାନ୍-2003 ମସିହା)**

ଉକ୍ତ ଇଜ୍‌ଲାସ୍ (ଅଧିବେଶନ)ର ଦ୍ୱିତୀୟ ଭାଷଣ ସମ୍ମାନନୀୟ ମୌଲବୀ ଶେଖ୍ ଫାତେହ୍ ଉଦ୍ଦୀନ୍ ସାହେବ ଅମୀର୍ ସାହେବ ତଥା ଦିଲ୍ଲୀର ଅତିରିକ୍ତି ମୁବଲ୍ଲିଗ୍ ସାହେବ, ଦାଇ ଖୁସୁସି ଜିଲ୍ଲା ଦିଲ୍ଲୀ "ଦାୱତେ ଇଲଲ୍ଲାଃ କେ ଲିଏ ହ. ମସିହ୍ ମଉଦ୍ ଅ.ସ କା ଯଜ୍‌ବା ହୁଜୁର ଅନୱର୍ କି ନସାଏହ୍ ଔର୍ ଜମାଅତ୍ ଅହମଦିୟାକୁ ଜିମ୍ମେଦାରିୟାଁ" ବିଷୟ ବସ୍ତୁ ଉପରେ ଭାଷଣ ପ୍ରଦାନ କଲେ । ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ମନରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ (ଧର୍ମ ପ୍ରଚାର) ନିମନ୍ତେ ଯେଉଁ ଉତ୍ସାହ ରହିଥିଲା ଏବଂ ଯେଉଁ ଉତ୍କଣ୍ଠା ଓ ଔତ୍ସୁକତା ରହିଥିଲା ସେଥି ସଂକ୍ରାନ୍ତରେ ବକ୍ତା ମହୋଦୟ କହିଲେ, 1885 ମସିହାରେ ହ. ସୁଫି ଅହମଦ୍ ଜାନ୍ ସାହେବ ଲୁଧିୟାନୱୀ ହଜ୍ ଯାତ୍ରରେ ଯେତେବେଳେ ଯିବାକୁ ଲାଗିଲେ ସେତେବେଳେ ଆପଣ ଅ.ସ ଉକ୍ତ ଦୁଆ (ପ୍ରାର୍ଥନା) ଲେଖି ତାଙ୍କୁ ଦେଲେ ଏବଂ କହିଲେ, ସୁଫି ସାହେବ! ଆପଣ ଉକ୍ତ ଦୁଆକୁ ବିଶେଷ ରୂପେ ଖାନା କାଆବା ଏବଂ ଅରଫାତ୍ ଭୂମିରେ ଅବଶ୍ୟ କରିବେ । ସେହି ଦୁଆଟି ଏହିପରି ଯେ, "***ହେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ ! ତୁମ୍ଭେ ଯେଉଁ ଧର୍ମ ପ୍ରଚାର କାର୍ଯ୍ୟ ନିମନ୍ତେ ମୋତେ ନିୟୋଜିତ କରିଛ ଏବଂ ଯେଉଁ ସେବା କରିବା ସକାଶେ ତୁମ୍ଭେ ମୋ ହୃଦୟରେ ଉତ୍ସାହ ସୃଷ୍ଟି କରିଛ ତାହାକୁ ତୁମ୍ଭେ ନିଜ କୃପାରୁ ଶେଷ ପର୍ଯ୍ୟନ୍ତ ପହଞ୍ଚାଇ ଦିଅ । ଅର୍ଥାତ୍ ସମ୍ପାଦନ କରିଦିଅ । ଉକ୍ତ ବିନୀତ ସହିତ ଇସ୍‌ଲାମ୍ ଧର୍ମର ପ୍ରମାଣ ବିରୋଧୀମାନଙ୍କ ଉପରେ ଏବଂ ସେହି ସମସ୍ତଙ୍କ ଉପରେ ଯେଉଁମାନେ ଏପର୍ଯ୍ୟନ୍ତ ଇସଲାମ୍ ଧର୍ମର ବିଶେଷତା ଠାରୁ ଅନବଗ ଅଟନ୍ତି ତାହା ତୁମ୍ଭେ ସଂପୂର୍ଣ୍ଣ ଓ ସିଦ୍ଧ କରିଦିଅ ।***" (ତାରିଖେ ଅହେମଦିୟତ୍, ଭାଗ-1, ପୃ-265)

ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଏହି କାରଣରୁ ସେହି ଅଶେଷ ଦୟାବାନ ଏବଂ ସଦା କରୁଣାମୟ ପରେମଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରୁଛି ଯେ, ସେହି ପରମେଶ୍ୱର ଇସଲାମ୍ ଧର୍ମର ସେବା କରିବା ଏବଂ ତାହାଙ୍କ ଧର୍ମର ଧର୍ମ ପ୍ରଚାର କରିବା ନିମନ୍ତେ ଅସୀମ ଉତ୍ସାହ ମୋତେ ପ୍ରଦାନ କରିଛନ୍ତି । ଅତଏବ୍ ଉକ୍ତ ମାର୍ଗରେ ମୋତେ ଯଦି ନିଜର ପ୍ରାଣକୁ ଉତ୍ସର୍ଗ କରିବାକୁ ପଡ଼େ ତେବେ ମୋ ଉପରେ ଉକ୍ତ କାର୍ଯ୍ୟ ଅଲ୍ଲାଃତାଲାଙ୍କ କୃପାରୁ କୌଣସି ବୋଝ ପଡ଼ିବ ନାହିଁ.........ମୁଁ ଏହି କାମନା ଏବଂ ମୁଁ ଏହି ଇଚ୍ଛା ବ୍ୟକ୍ତ କରୁଛି ଯେ, ମୋର ସମଗ୍ର ଜୀବନ ଉକ୍ତ ସେବାରେ ଯଦି ଅତିବାହିତ ହୋଇଯାଏ ତେବେ ମୋ ଜୀବନ ସାର୍ଥକ ହୋଇଗଲା। ମୁଁ ନିଜକୁ ଧନ୍ୟ ବୋଲି ମନେକରିବି । ବାସ୍ତବରେ ପ୍ରସନ୍ନତା ଏବଂ ପବିତ୍ର ଜୀବନ ତାହା ହିଁ ଯାହା ଐଶୀ ଧର୍ମର ସେବା କରିବା ଓ ଐଶୀ ଧର୍ମର ପ୍ରଚାର ଏବଂ ପ୍ରକାଶନରେ ନିଜର ସମୟକୁ ଅତିବାହିତ କରିଦେବା ନିମନ୍ତେ ଉଦ୍ଦିଷ୍ଟ ଅଟେ ।"

**(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍,ଭାଗ-5, ପୃ-35)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ମୋ ଆୟତ୍ତ ବା ନିୟନ୍ତ୍ରଣରେ (ହ. ମସିହ୍ ମଉଦ୍ ଅ.ସଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ମୋ ସାମର୍ଥ୍ୟରେ ଉକ୍ତ ପ୍ରସଙ୍ଗ ଥାଆନ୍ତା) ଯଦି ଉକ୍ତ କଥା ଥାଆନ୍ତା ତେବେ ମୁଁ ଫକୀରଙ୍କ ପରି ଘର ଘର ବୁଲି ଈଶ୍ୱରଙ୍କ ସତ୍ୟ ଧର୍ମ ଅର୍ଥାତ୍ ଇସଲାମ୍ ଧର୍ମର ପ୍ରଚାର ଏବଂ ପ୍ରକାଶନ କାର୍ଯ୍ୟ କରନ୍ତି । ସେହି ବିନାଶକାରୀ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଏବଂ ଅବଜ୍ଞତା ଯାହାକି ସମଗ୍ର ସଂସାରରେ ପରିବ୍ୟାପ୍ତ ଅଟେ ତହିଁରୁ ଲୋକମାନଙ୍କୁ ରକ୍ଷା କରିନେବି । ଈଶ୍ୱର ଯଦି ମୋତେ ଇଂରାଜୀ ଭାଷା ଶିଖାଇ ଦିଅନ୍ତେ ତେବେ ମୁଁ ସ୍ୱୟଂ ପ୍ରତ୍ୟେକ ଘରକୁ ଯାଇ ତଥା ଘର ଘର ବୁଲି ସେହି ତବଲିଗ୍ (ପ୍ରଚାର) କରିବି। ଅତଏବ୍ ସେହି ତବ୍‌ଲିଗରେ ଯଦି ମୋର ସମଗ୍ର ଜୀବନ ସମାପ୍ତ ତଥା ଅତିବାହିତ କରିଦେବାକୁ ପଡ଼େ ଅବା ମୁଁ ଉକ୍ତ ତବଲିଗ୍ କରିବା ମାର୍ଗରେ ଯଦି ମୃତ୍ୟୁବରଣ କରେ ତେବେ ମଧ୍ୟ ମୁଁ ସେହି ତବ୍‌ଲିଗ୍ (ପ୍ରଚାର ଓ ପ୍ରକାଶ) କାର୍ଯ୍ୟ ଅବଶ୍ୟ ସମ୍ପାଦନ କରିବି ।"

**(ମଲ୍‌ଫୁଜାତ୍, ଭାଗ-2, ପୃ-219, ସଂସ୍କରଣ ବର୍ଷ 2003 ମସିହା)**

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "ପ୍ରତିଶୃତ ମସିହ୍ ଅ.ସଙ୍କ ଅଧୀନରେ ଏବଂ ତାହାଙ୍କ ଜମାଅତ୍ ଓ ଖଲିଫାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବର୍ତ୍ତମାନ ପ୍ରକାଶନ ଏବଂ ମାର୍ଗଦର୍ଶନର କାର୍ଯ୍ୟ ଜାରି ରହିଛି । ସେହି ମାର୍ଗଦର୍ଶନ ଯାହା ଆଁହଜରତ ସ.ଅ ସମଗ୍ର ମାନବ ଜାତି ନିମନ୍ତେ ଆଣିଥିଲେ ଯେଉଁ ଶିକ୍ଷା (ପବିତ୍ର କୁରଆନ୍ କରୀମର ଶିକ୍ଷା)କୁ ସମଗ୍ର ସଂସାରେ ପରିବ୍ୟପ୍ତ ଓ ସଂପ୍ରସାରିତ କରିବା ନିମନ୍ତେ ଆପଣ ସ.ଅ ବ୍ୟଗ୍ର ଓ ଉତ୍କଣ୍ଠିତ ଥିଲେ ସେହି ଶିକ୍ଷାକୁ ଅର୍ଥାତ୍ ପବିତ୍ର କୁରଆନୀୟ ଶିକ୍ଷାକୁ ସମ୍ପୂର୍ଣ୍ଣ ଓ ଚରିତାର୍ଥ କରିବାର ଯୁଗ ହେଉଛି ସାଂପ୍ରତିକ ଯୁଗ । ଉକ୍ତ ଯୁଗରେ ସମସ୍ତ ପ୍ରକାରର ସାଧନ ଓ ମାଧ୍ୟମ ଉପଲବ୍ଧ ରହିଛି । ଯେଭଳି ଭାବରେ ଉକ୍ତ କାର୍ଯ୍ୟ ଏବଂ ଉକ୍ତ ଦାୟିତ୍ୱ ଆପଣ ଅ.ସଙ୍କ ଉପରେ ନ୍ୟାସ୍ତ କରାଯାଇଥିଲା ଠିକ୍ ସେହିପରି ଦାୟିତ୍ୱ ବର୍ତ୍ତମାନ ଉକ୍ତ କାର୍ଯ୍ୟ ଆପଣଙ୍କ ଅନୁଗାମୀମାନଙ୍କ ଉପରେ ମଧ୍ୟ ନ୍ୟସ୍ତ ହୋଇଛି। ଆପଣ ଅ.ସଙ୍କ ଅନୁଗାମୀମାନଙ୍କ ଉପରେ ଯେଉଁ ଗୁରୁଦାୟିତ୍ୱଟି ନ୍ୟସ୍ତ ହୋଇଛି ସେହି ଅନୁଗାମୀମାନେ ଏହି ଅଙ୍ଗୀକାର କରନ୍ତି ଯେ, ଆମେମାନେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବୁ ।" **(ଖୁତ୍‌ବା ଜୁମା, ହ. ଖଲିଫତୁଲ୍ ମସିହା ଖାମିସ୍ ଅ.ବ, ପ୍ରଦତ୍ତ-11 ନଭେମ୍ବର ମାସ 2016 ମସିହା)**

ଆପଣ ଅ.ସ କୁହନ୍ତି: "ମୋ ଆୟତ୍ତରେ ଯଦି ଉକ୍ତ ପ୍ରସଙ୍ଗ ଥାଆନ୍ତା (ହ. ମସିହ୍ ମଉଦ୍ ଅ.ସଙ୍କ କହିବା ତାତ୍ପର୍ଯ୍ୟ ଏହିକି ଯେ, ମୋ ପକ୍ଷେ ଯଦି ସମ୍ଭବପର ହୁଅନ୍ତା) ତେବେ ମୁଁ ଫକିର୍ (ଭିକ୍ଷୁକ)ମାନଙ୍କ ପରି ଘର ଘର ବୁଲି ଈଶ୍ୱରଙ୍କ ସତ୍ୟ ଧର୍ମ (ଇସଲାମ୍ ଧର୍ମ)ର ପ୍ରଚାର, ପ୍ରସାର ଓ ପ୍ରକାଶନ କାର୍ଯ୍ୟ କରି ଥାଆନ୍ତି । ସେହିପରି ଇସ୍‌ଲାମ୍ ଧର୍ମକୁ ସମାପ୍ତକାରୀ ସିର୍କ ଅର୍ଥାତ୍ ଅବିଶ୍ୱାସକାରୀତା ଏବଂ ଅବଜ୍ଞତା ଯାହାକି ସଂସାର ଲୋକରେ ପରିବ୍ୟାପ୍ତ ଅଟେ ତହିଁରୁ ମୁଁ ଲୋକମାନଙ୍କୁ ଉଦ୍ଧାର କରିନେବି । ଈଶ୍ୱର ଯଦି ମୋତେ ଇଂରାଜୀ ଭାଷା ଶିଖାଇ ଦିଅନ୍ତେ ତେବେ ମୁଁ ସ୍ୱୟଂ ଘର ଘର ବୁଲି ତବ୍‌ଲିଗ୍ (ପ୍ରଚାର) କରନ୍ତି ଏବଂ ଗସ୍ତ କରି ମୁଁ ତବ୍‌ଲିଗ୍ କରନ୍ତି । ଯଦି ଉକ୍ତ ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟରେ ମୋର ସମଗ୍ର ଜୀବନ ସମାପ୍ତ ହୋଇଯାଉ ପଛେ କିମ୍ବା ମୁଁ ମୃତ୍ୟୁ ବରଣ କରେ ପଛେ ତେବେ ମଧ୍ୟ ମୁଁ ତବ୍‌ଲିଗ୍ କାର୍ଯ୍ୟ ଅବଶ୍ୟ କରିବି ।"**(ମଲ୍‌ଫୁଜାତ୍, ଭାଗ-2, ପୃ-219, ସଂସ୍କରଣ ବର୍ଷ 2003 ମସିହା)**

ଉକ୍ତ ଅଧିବେଶନର ତୃତୀୟ ଏବଂ ଶେଷ ଭାଷଣ ସମ୍ମାନନୀୟ ହାଫିଜ୍ ମଖଦୁମ୍ ଶରୀଫ୍ ସାହେବ ଅତିରିକ୍ତ ନାଜିର୍ ଆଲା ଜୁନୁବୀ ହିନ୍ଦ୍ "**ସିରତ୍ ହ. ମସିହ୍ ମଉଦ୍ ଅ.ସ ବଇଶ୍‌କେ ରସୁଲୁଲ୍ଲାଃ ସ.ଅ କେ ଆଇନେ ମେଁ**" ବିଷୟ ବସ୍ତୁ ଉପରେ ଭାଷଣ ଦେଲେ । ତଶହୁଦ୍ ଓ ତାଆୱୁଜ୍ ପରେ ସମ୍ମାନନୀୟ ବକ୍ତା ମହୋଦୟ ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ସଂଖ୍ୟା 32ର ତିଲାୱତ୍ କଲେ । ଉକ୍ତ ଆୟତ୍‌ର ଅନୁବାଦ ଏହିପରି ଯେ, "ତୁମ୍ଭେ କୁହ, (ହେ ଲୋକମାନେ !) ଯଦି ତୁମେମାନେ ଅଲ୍ଲାଃଙ୍କୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର । ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷକୁ କ୍ଷମା କରିଦେବେ ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦାକୃରଣାମୟ ।"

ସୟେଦିନା ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ହେଉଛି ସେହି ଦର୍ପଣ ଯହିଁରେ ମୁହମ୍ମଦ୍ ସ.ଅଙ୍କ ମୁଖ ଏବଂ ମୁହମ୍ମଦ ସ.ଅଙ୍କ ଅବତାରତ୍ୱର ପୂର୍ଣ୍ଣ ଛାୟା ପ୍ରତିବିମ୍ବିତ ହୋଇଛି ।"

**(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଭାଗ-18, ପୃ-381-382ର ବି.ଦ୍ର)**

ହ. ମସିହ୍ ମଉଦ୍ ଅ.ସ ନିଜର ଏକ ସ୍ୱପ୍ନରେ ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କୁ ଦର୍ଶନ (ଦେଖି ଥିଲେ) କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଆୟତ୍ ସଂକ୍ରାନ୍ତରେ କୁହନ୍ତି; ଅଲ୍ଲାଃତାଲା ବାସ୍ତବରେ ଏହି ମହାବତାର ଅର୍ଥାତ୍ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ପ୍ରତି ନିଜର ଆଶୀର୍ବାଦ ଅବତୀର୍ଣ୍ଣ କରୁଛନ୍ତି ଏବଂ ତାହାଙ୍କ ଦେବଦୂତମାନେ ମଧ୍ୟ ତାହାଙ୍କ ସକାଶେ ପ୍ରାର୍ଥନା କରୁଛନ୍ତି । ତେଣୁ ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି ଅଲ୍ଲାଃତାଲାଙ୍କ ଆଶୀର୍ବାଦ ଭିକ୍ଷା କର ଓ ମନୋଯୋଗପୂର୍ବକ ତାହାଙ୍କ ନିମନ୍ତେ ଶାନ୍ତି ଭିକ୍ଷା କର ।

**(ସୁରତୁଲ୍ ଅହ୍‌ଜାବ୍: 57)**

ଅଲ୍ଲାଃତାଲାଙ୍କ ଉକ୍ତ ଆଦେଶାବଳୀର ଆଜ୍ଞା ପାଳନ କରିବାକୁ ଯାଇ ଆଁହଜରତ ସ.ଅଙ୍କ ଉପରେ ସର୍ବାଧିକ ଦୁରୁଦ୍ ପ୍ରେରଣକାରୀ ଅସ୍ତିତ୍ୱ ହ. ମସିହ୍ ମଉଦ୍ ଅ.ସ ହିଁ ଅଟନ୍ତି । ଆପଣ ଅ.ସ କୁହନ୍ତି: "ଏକ ରାତ୍ରରେ ଏହି ଅଧମ ତଥା ବିନୀତ ସ୍ୱପ୍ନରେ ଦେଖିଲା ଯେ, ଦେବଦୂତମାନେ ପବିତ୍ର ନିର୍ମଳ ଜଳ ସ୍ୱରୂପ ଆଲୋକର ଜଳଥଳୀ ଧରି ଏହି ଅଧମ ଏବଂ ବିନୀତ ବାସ ଭବନକୁ ଆସିଛନ୍ତି । ସେହି ଦେବଦୂତମାନଙ୍କ ମଧ୍ୟରୁ ଜଣେ ଦେବଦୂତ କହିଲା, ବସ୍ ! "ଉକ୍ତ କଲ୍ୟାଣ ହେଉଛି ସେହି କଲ୍ୟାଣ ଯାହା ତୁମେ ମୁହମ୍ମଦ ସ.ଅଙ୍କ ଆଡ଼କୁ ପ୍ରେରଣ କରିଥିଲ ।"

**(ରୁହାନୀ ଖଜାଏନ୍, ଭାଗ-1, ପୃ-598, ବରେହିନେ ଅହେମଦିୟା, ଭାଗ-4)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ବ୍ୟବହାରିକ ଉଦାହରଣ ମଧ୍ୟ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଏଥି ସଂକ୍ରାନ୍ତରେ ହ. ଚୌଧୁରୀ ଗୁଲାମ୍ ମୁହମ୍ମଦ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ଯେତେବେଳେ କାଦିୟାନ୍ ଆସିଲି ସେତେବେଳେ ହ. ସାହେବ୍ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ) ସବୁଜ ରଙ୍ଗର ପଗଡ଼ି ପରିଧାନ (ପିନ୍ଧି) କରିଥିଲେ । ତେଣୁ ମୁଁ ଆପଣ ଅ.ସଙ୍କୁ ଦେଖି ଅତ୍ୟନ୍ତ କଷ୍ଟ ଅନୁଭବ କଲି ଯେ, ହ. ମସିହ୍ ମଉଦ୍ ଅ.ସଙ୍କୁ ସବୁଜ ରଙ୍ଗର ପଗଡ଼ି ସହିତ କେଉଁ ସଂପର୍କ ବା କେଉଁ କାମ ରହିଛି ? ମୁଁ (ଚୌଧୁରୀ ଗୁଲାମ୍ ମୁହମ୍ମଦ ସାହେବ) ମକଦୁମା ଇବ୍‌ନେ ଖଲାଓ୍ୱନ୍‌ରେ ପାଠ କରିଛି ଯେ, ଆଁହଜରତ ସ.ଅ ଯେତେବେଳେ ସବୁଜ ରଙ୍ଗର ପୋଷାକ ପରିଧାନ (ପିନ୍ଧୁ) କରୁଥିଲେ ସେତେବେଳେ ଆପଣ ସ.ଅଙ୍କ ଉପରେ ସର୍ବାଧିକ ଐଶୀବାଣୀ ଅବତୀର୍ଣ୍ଣ ହେଉଥିଲା ।

**(ସିରତୁଲ୍ ମେହ୍‌ଦୀ, ବର୍ଣ୍ଣନ ସଂଖ୍ୟା-121)**

ହ. ମସିହ୍ ମଉଦ୍ ଅ.ସ ଆଁହଜରତ ସ.ଅଙ୍କ ପରିବାର ଓ ଆଁହଜରତ ଯେଉଁ ଦେଶ ତଥା ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ସେହି ଜନ୍ମଭୂମିର ଗଳିକୁ ମଧ୍ୟ ଆପଣ ଅ.ସ ବହୁତ ଭଲ ପାଉଥିଲେ । ଉକ୍ତ ଭାବାବେଗକୁ ଆପଣ ଅ.ସ ନିଜର ଫାର୍ସି ଭାଷାର କବିତାରେ ନିମ୍ନ ମତେ ପରିପ୍ରକାଶ କିରଛନ୍ତି । ଆପଣ ଅ.ସ କୁହନ୍ତି:

جان و دلم فدائے جمال محمد است
خاکم نثار کوچہ آل محمد است

ମୋର ପ୍ରାଣ ଏବଂ ମୋର ହୃଦୟ ହ. ମୁହମ୍ମଦ ସ.ଅଙ୍କ ସୌନ୍ଦର୍ଯ୍ୟ ଉପରେ ବିମୋହିତ । ମୋର ଧୂଳି ଆଁହଜରତ ସ.ଅଙ୍କ ଗଳିରେ ଉତ୍ସର୍ଗ ହୋଇଯାଉ ।

**(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍,ଭାଗ-5, ପୃ-645)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୋର ସମସ୍ତ ସନ୍ତାନ ସନ୍ତତି ଏବଂ ସନ୍ତାନମାନଙ୍କର ସନ୍ତାନ ସନ୍ତତି, ମୋର ସମସ୍ତ ବନ୍ଧୁ, ମୋର ସମସ୍ତ ସହାୟକମାନଙ୍କୁ ମୋ ଚକ୍ଷୁ ସମ୍ମୁଖରେ ଯଦି ହତ୍ୟା କରିଦିଆଯାଏ, ମୋର ହସ୍ତ ଓ ପାଦକୁ ଯଦି କାଟି ଦିଆଯାଏ ମୋ ଚକ୍ଷୁର ନୟନ ପିତୁଳାକୁ କାଢ଼ି ଫିଙ୍ଗି ଦିଆଯାଏ, ମୁଁ ଯଦି ନିଜର ସମସ୍ତ କାମନା ଏବଂ ଅଭିଳାଷାରୁ ବଞ୍ଚିତ ହୋଇଯାଏ..... ମୋ ନିମନ୍ତେ ଏହା ଅଘାତ ଠାରୁ ମଧ୍ୟ ଅଧିକ ଯେ, ରସୁଲୁଲ୍ଲାଃ ସ.ଅଙ୍କ ଉପରେ ଏଭଳି ଅପବିତ୍ର ଆକ୍ରମଣ କରାଯାଉ ।" **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍,ଭାଗ-5, ପୃ-15, ଆରବୀ ଭାଗର ଉର୍ଦ୍ଦୁ ଅନୁବାଦ)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ହ. ଆଦମ୍ ଅ.ସଙ୍କ ସମସ୍ତ ପୁତ୍ରମାନଙ୍କ (ଅର୍ଥାତ୍ ସମଗ୍ର ମାନବ ଜାତି) ସକାଶେ ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ବାର୍ତ୍ତାବହ ଓ ସୁପାରିଶକାରୀ ନାହିଁ.......ଅତଏବ୍ ତୁମେମାନେ ଉଦ୍ୟମ କର କି ତୁମେମାନେ ପ୍ରକୃତ ପ୍ରେମ ସେହି ମହାମର୍ଯ୍ୟାଦା ଏବଂ ମହାପ୍ରତାପୀ ଅବତାରଙ୍କ ସହିତ କର । ତୁମେମାନେ ତାହାଙ୍କ (ଆଁହଜରତ ସ.ଅହଙ୍କ) ସହିତ ଅନ୍ୟମାନଙ୍କୁ ତୁଳନା କର ନାହିଁ କି ଅନ୍ୟମାନଙ୍କୁ ଆଁହଜରତ ସ.ଅଙ୍କ ଅପେକ୍ଷା ଅଧିକ ଶ୍ରେଷ୍ଠ ପ୍ରଦାନ କର ନାହିଁ । କାରଣ ତୁମେମାନେ ଯଦି ସେହି ମହାମାନ୍ୟ ମହାବତାରଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ତାହାଙ୍କୁ ଶ୍ରେଷ୍ଠାବତାର ରୂପେ ସ୍ୱୀକାର କର ତେବେ ତୁମେମାନେ ଆକାଶଲୋକରେ ମୋକ୍ଷ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ଉଲ୍ଲିଖିତ ହେବ।"

**(କିଶତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-13)**

ବିଦ୍ୱାନ୍ ବକ୍ତା ମହୋଦୟ ନିଜ ଭାଷଣର ଶେଷାର୍ଦ୍ଧରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ନିମ୍ନ ଲିଖିତ ଆଦେଶାବଳୀ ଉପସ୍ଥାପିତ କରି ନିଜର ଭାଷଣକୁ ସମାପ୍ତ କଲେ ।

ପ୍ରତ୍ୟେକ ଅହେମଦି ଯିଏ ସାଂପ୍ରତିକ କାଳରେ ଯୁଗାବତାରଙ୍କୁ ଚିହ୍ନିଲା ସେହି ଅହମଦିର ଏହା କେବଳ କର୍ତ୍ତବ୍ୟ ନୁହେଁ ବରଂ ପ୍ରତ୍ୟେକ ଅହେମଦି ଉପରେ ଉକ୍ତ ଗୁରୁଦାୟିତ୍ୱ ନ୍ୟସ୍ତ ହେଉଛି ଯେ, ସେ ଯୁଗାବତାରଙ୍କୁ ଚିହ୍ନୁ । ପ୍ରତ୍ୟେକ ଅହେମଦି ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ଶରୀଫ୍ ପାଠ କରନ୍ତୁ । ଆପଣମାନେ ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମକୁ ଧ୍ୱଂସ ମୁଖରୁ ଉଦ୍ଧାର କରନ୍ତୁ........ଆଁହଜରତ ସ.ଅଙ୍କ ସହିତ ପ୍ରେମ ଏହି ଆଶା କରିଥାଏ ଯେ, ଆମେମାନେ ନିଜ ଦୁଆରେ ଇସ୍‌ଲାମ୍ ଧର୍ମର ପ୍ରତ୍ୟେକ ମୁସଲମାନ ଧର୍ମାବଲମ୍ବୀଙ୍କୁ ସ୍ଥାନ ଦେବା ଉଚିତ୍ । **(ଖୁତ୍‌ବା ଜୁମା, ହ. ଖଲିଫତୁଲ୍ ମସିହ୍‌ା ଖାମିସ୍ ଅ.ବ, ପ୍ରଦତ୍ତ-24 ଜାନୁୟାରୀ 2006 ମସିହା)**

**ଅତିଥିମାନଙ୍କ ପକ୍ଷରୁ ଦିଆଯାଇଥିବା ମତାମତ ଏବଂ ପ୍ରାସଙ୍ଗିକ ଭାଷଣ :**

ଘାନାର ଏମ.ଟି.ଏର କୋ ଅର୍ଡିନେଟର ଏବଂ ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ହାଫିଜ୍ ଇସ୍‌ମାଇଲ୍ ଅହେମଦ ଅଡ଼ୋସୀ ସାହେବ ନିଜ ବିଚାରଧାରାର ପରିପ୍ରକାଶ କରି କହିଲେ, ଯେ, 29 ଜଣ ସଦସ୍ୟ ବିଶିଷ୍ଟ ଯାତ୍ରୀ ସମୂହ ସାମିଲ୍ ହେବା ଉଦ୍ଦେଶ୍ୟ ନେଇ ଜଲସା ସାଲାନା କାଦିୟାନ୍ ଆସିଛନ୍ତି । ସେହି ଯାତ୍ରୀ ସମୂହ ମଧ୍ୟରେ ଯାମିୟା ଅହେମଦିୟା ଘାନାରୁ ଉତ୍ତୀର୍ଣ୍ଣ ହୋଇଥିବା ମୁବଲ୍ଲିଗିନ୍‌ମାନେ ରହିଛନ୍ତି । ଆମ ଜମାଅତ୍‌ର ହୃତ୍‌ପିଣ୍ଡ ହେଉଛି କାଦିୟାନ୍ । ଆଜି ଜମାଅତ୍ ଅହେମଦିୟା ସମଗ୍ର ସଂସାରରେ ପରିବ୍ୟାପ୍ତ ହୋଇ ସାରିଛି । ଘାନାରେ ଅନେକ ଲୋକ ସତ୍ୟ ସ୍ୱପ୍ନ ଦେଖି ଜମାଅତ୍ ଅହେମଦିୟାରେ ସାମିଲ୍ ହେଲେ ।

ଏତଦ୍‌ପରେ କଜାକିସ୍ତାନ ଯାତ୍ରୀସମୂହର ଅମୀର ସାହେବ ସମ୍ମାନନୀୟ Rufatzhan Tukamdv ନିଜର ପ୍ରତିକ୍ରିୟା ବ୍ୟକ୍ତି କରି କହିଲେ, ମୋ ପାଇଁ ଏହା ବଡ଼ ସୌଭାଗ୍ୟର ବିଷୟ ଯେ, ଜଲ୍‌ସା ସାଲାନା କାଦିୟାନ୍‌ରେ ମୋତେ ସାମିଲ୍ ହେବା ଓ ଜନସାଧାରଣଙ୍କୁ ସମ୍ବୋଧିତ କରିବା ନିମନ୍ତେ ସୁଯୋଗ ଓ ସମ୍ମାନ ପ୍ରାପ୍ତ ହେଉଅଛି । କାଜାକିସ୍ତାନରେ 600ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଲୋକମାନେ ବୈଅତ୍ କଲେ ଓ ଅହେମଦିୟତ୍ ଅର୍ଥାତ୍ ପ୍ରକୃତ ଇସ୍‌ଲାମ୍ ଧର୍ମ ଠାରୁ ଲୋକମାନେ ପ୍ରଭାବିତ ମଧ୍ୟ ହେଉଛନ୍ତି । ଆପଣମାନେ ଆମମାନଙ୍କ ନିମନ୍ତେ ଦୁଆ କରନ୍ତୁ ଯେ, ଶୀଘ୍ର ଶୀଘ୍ର ଜମାଅତ୍ ରେଜିଷ୍ଟ୍ରେସନ ହୋଇଯାଉ ଏବଂ ହ. ମସିହ୍ ମଉଦ୍ ଅ.ସ ଋଷକୁ ନେଇଁ ଏକ ଭବିଷ୍ୟବାଣୀ କରିଥିଲେ ଯେ, ମୁଁ ଋଷରେ ଅହମଦିୟତ୍‌କୁ ବାଲୁକାର ପ୍ରତ୍ୟେକ କଣିକା ସଦୃଶ ଅବଲୋକନ କରୁଛି ।" ଅତଏବ୍ ଉକ୍ତ ଭବିଷ୍ୟବାଣୀକୁ ଆମେମାନେ ଯଥାଶୀଘ୍ର ପୂର୍ଣ୍ଣ ଏବଂ ସାକାର ହେଉଥିବାର ଅବଲୋକନ କରିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ସେହି ଋଷ୍‌ର ଶାସକ ଜାର୍‌ର ଆଶାବାଡ଼ି ଖୁବଶୀଘ୍ର ଅହେମଦିୟତ୍ ହସ୍ତରେ ଚାଲି ଆସୁ । **ଆମିନ୍** । ପରିଶେଷରେ ବକ୍ତା ମହୋଦୟ କାଜାକିସ୍ତାନ ନିମନ୍ତେ ଦୁଆ କରିବାକୁ ନିବେଦନ କଲେ ଓ ନିଜର ପ୍ରତିକ୍ରିୟା ବ୍ୟକ୍ତ କରି ଏବଂ ମତାମତ ପ୍ରଦାନ କରି ନିଜର ବକ୍ତବ୍ୟକୁ ଶେଷ କଲେ ।

**ପରିସମାପ୍ତି ବା ଉଦଯାପନୀ ଉଦବୋଧନ**

ଜଲ୍‌ସା ସାଲାନା କାଦିୟାନ୍ 2024ର ପରିସମାପ୍ତି ବା ଉଦ୍‌ଯାପନୀ ଅଧିବେଶନର ସଭାପତିତ୍ୱ ସମ୍ମାନନୀୟ ଇନାମ୍ ଗୌରି ସାହେବ ନାଜିରେ ଆଲା ଏବଂ ଅମୀର୍ ମକାମି କାଦିୟାନ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଲା । ଯାମିୟା ଅହେମଦିୟର ଶିକ୍ଷକ ସମ୍ମାନନୀୟ ମୁର୍ଶିଦ୍ ଅହେମଦ୍ ଡାର୍ ସାହେବ ପବିତ୍ର କୁରଆନ୍ କରୀମ୍‌ର ସୁରା ହା ମିମ୍ ସଜ୍‌ଦାର ଆୟତ୍ ସଂଖ୍ୟା 31-35 ପର୍ଯ୍ୟନ୍ତ ତିଲାଓ୍ୱତ୍ କଲେ । ଅପରପକ୍ଷେ ଉକ୍ତ ଆୟତ୍‌ର ଅନୁବାଦ ନାଏବ୍ ନାଜିର୍ ବୈତୁଲ୍ ମାଲ୍ ସମ୍ମାନନୀୟ ନସ୍‌ରୁମ୍ ମିନଲ୍ଲାଃ ସାହେବ ପାଠ କରି ଶ୍ରୋତମଣ୍ଡଳୀଙ୍କୁ ଶୁଣାଇଲେ । ଏତଦ୍‌ପରେ ନାଏବ୍ ନାଜିର୍ ସମ୍ମାନନୀୟ ତନୱୀର୍ ଅହେମଦ ନାସିର୍ ସାହେବ ପୁଣ୍ୟଶ୍ଳୋକ ହ. ମସିହ୍ ମୁଦ୍ ଅ.ସଙ୍କ ନିମ୍ନ ନଜମ୍ (କବିତାବଳୀ) ଅତ୍ୟନ୍ତ ସୁନ୍ଦର କଣ୍ଠରେ ଗାନ କରି ଶ୍ରୋତାମଣ୍ଡଳୀଙ୍କୁ ଶୁଣାଇଲେ ।

ہے عجب میرے خدا میرے پہ احساں تیرا
کس طرح شکر کروں اَے مرے سلطاں تیرا

ଏତଦ୍‌ପରେ ମଜ୍‌ଲିସ୍ କାର୍ପର୍ଦାଜ କାଦିୟାନ୍‌ର ସେକ୍ରେଟାରୀ ସମ୍ମାନନୀୟ ମୁନୀର୍ ଅହେମଦ ହାଫିଜାବାଦି ସାହେବ 2024ରେ ମୃତ୍ୟୁ ବରଣ କରିଥିବା 70 ଜଣ ଓସିୟତ୍‌କାରୀଙ୍କ ନାମ ପାଠ କରି ଶୁଣାଇଲେ । ସେମାନଙ୍କର ଆତ୍ମାର ସଦ୍‌ଗତି ଏବଂ ସେମାନଙ୍କ ପ୍ରତି ଦୟାବତୀର୍ଣ୍ଣ ହେବା ନିମନ୍ତେ ଜମାଅତ୍ ଅହେମଦିୟାର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇଲେ । ଅଧିବେଶନ ସଦର୍ ମହୋଦୟ ନାଜିର୍ ସାହେବ ଆଲା ତଥା କାଦିୟାନ୍‌ର ଅମୀର୍ ମକାମୀ (ସ୍ଥାନୀୟ ଅମୀର୍) ଜଲ୍‌ସା ସାଲାନାର ବ୍ୟବସ୍ଥାରେ ସାହାଯ୍ୟକାରିଥିବା ଉଚ୍ଚ ପଦସ୍ଥ ସରକାରୀ ଅଧିକାରୀ ଏବଂ ସମସ୍ତ ସଦସ୍ୟବୃନ୍ଦଙ୍କ କୃତଜ୍ଞତା ଜ୍ଞାପନ କରିବା ପରେ ସ୍ଥାନୀୟ ଅମୀର ହିସାବରେ ରୂପେ ଉଦ୍‌ଯାପନୀ ଦୁଆ କରାଇଲେ । ଏତଦ୍‌ପରେ ଲଣ୍ଡନରୁ ଜଲ୍‌ସା ସାଲାନାର ଉଦ୍‌ଯାପନୀ ସମାରୋହ ସଂକ୍ରାନ୍ତରେ ବିଶେଷ ପ୍ରସାରଣ ପ୍ରାରମ୍ଭ ହେଲା । ଜଲ୍‌ସା ସାଲାନା କାଦିୟାନରେ ଅଂଶଗ୍ରହଣକାରୀ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 06 February 2025 Issue No. 06

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ନୈଷ୍ଠିକ ଅହେମଦିମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପବିତ୍ର ପରିବର୍ତ୍ତନ ସଂପର୍କରେ ଏବଂ ସେହିପରି ସମଗ୍ର ବିଶ୍ୱରୁ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ମଧ୍ୟରେ କାଦିୟାନ୍ ଭଳି ପବିତ୍ର ଧର୍ମପୀଠର ଦର୍ଶନ ଓ ଭ୍ରମଣର ଇଚ୍ଛୁକ ଥିବା ବ୍ୟକ୍ତିମାନଙ୍କ ସଂପର୍କରେ, ସେହିପରି ଜଲ୍‌ସା ସାଲାନା କାଦିୟାନ୍‌ର ଆଧ୍ୟାତ୍ମିକ ବୃଦ୍ଧିକାରୀ ଦୃଶ୍ୟାବଳୀ ଏବଂ କାଦିୟାନ୍‌ର ଆକର୍ଷଣୀୟ ସ୍ଥାନ ସଂକ୍ରାନ୍ତରେ ଏପରି ଏକ ମନମୁଗ୍ଧକର, ରୋଚକ ତଥା ଆକର୍ଷଣୀୟ ଡକ୍ୟୁମେଣ୍ଟାରୀ (ପ୍ରମାଣିକ ଚିତ୍ର) ଏମ.ଟି.ଏ ଭାରତ ପକ୍ଷରୁ ଏମ୍.ଟି.ଏ ଇଣ୍ଟରନ୍ୟାସନଲରେ ପ୍ରସାରଣ କରାଗଲା । ଉକ୍ତ ଡକ୍ୟୁମେଣ୍ଟାରୀକୁ ଜଲ୍‌ସା ଗାହ୍ ଏବଂ ଷ୍ଟେଜ୍ ଉପରେ ବସିଥିବା ସଦସ୍ୟବୃନ୍ଦମାନେ ଅତ୍ୟନ୍ତ ନିମଗ୍ନ, ଭାବ ଗମ୍ଭୀରତା, ଏବଂ ଅତି ନିରବତାର ସହିତ ଦେଖିଲେ ଏବଂ ଶୁଣିଲେ ।

ହ. ଖଲିଫତୁଲ୍ ମସିହ୍ ଖାମିସ୍ (ଜମାଅତ୍ ଅହେଦମିୟାର ପଞ୍ଚମ ଖଲିଫା) ଅ.ବଙ୍କ ଆଗମନ ଏବଂ ଗଗନଚୁମ୍ବୀ ଶ୍ଳୋଗାନ ସହିତ ଏମ୍.ଟି.ଏ ଇଣ୍ଟରନ୍ୟାସନଲ୍‌ରୁ ଜଲ୍‌ସା ସାଲାନା କାଦିୟାନ୍ 2024ର ଉଦ୍‌ଯାପନୀ ସମାରୋହ ପ୍ରାରମ୍ଭ ହେଲା । ଇତ୍ୟବସରରେ ଅଫ୍ରିକାର ୫ଟି ଦେଶ ଯଥା ଟୋଗୋ, ମାଲି, ଗିନି କନାକେରୀ, ନାଇଜେରିୟା, ଗିନି ବସାଓ, ସେନିଗାଲ୍, ବୁର୍କିନାଫାସୋ ଓ ଆମେରିକା ୱେଷ୍ଟ୍ କୋର୍ସର ଜଲ୍‌ସା ସାଲାନା ମଧ୍ୟ ଆୟୋଜିତ ହେଉଥିଲା । କାଦିୟାନ୍ ଦାରୁଲ୍ ଅମାନ୍ ବ୍ୟତୀତ ସେହି ଦେଶମାନଙ୍କର ମଧ୍ୟ ସିଧାସଳଖ ଦୃଶ୍ୟ ବାରମ୍ବାର ପ୍ରଦର୍ଶିତ କରାଯାଉଥିଲା ।

ଭାରତୀୟ ସମୟାନୁସାରେ ଠିକ୍ 4.00 ଘଟିକା ସମୟରେ ହୁଜୁର ଅନ୍‌ୱର୍ ଅ.ବ ଗଗନ ଚୁମ୍ବୀ ଶ୍ଳୋଗାନ୍‌ରେ ଐୱାନେ ମସ୍ରୁର ଠାରେ ଆସିଲେ । ହୁଜୁର ଅନ୍‌ୱର୍ ଅ.ବ ସମସ୍ତ ଅଂଶଗ୍ରହଣକାରୀଙ୍କୁ **ଅସ୍ ସଲାମୁ ଅଲୈକୁମ୍ ୱରହେମତୁଲ୍ଲାଃହି ୱ ବରକାତୁହୁର** ଉପହାର (ଭେଟି) ଉପସ୍ଥାପିତ କଲେ । ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ସମ୍ମାନନୀୟ ନସିମ୍ ଅହେମଦ ବାଜ୍‌ୱା ସାହେବ କଲେ । ମହୋଦୟ ସୁରତୁଲ୍ ଅହ୍‌ଜାବ୍‌ର ଆୟତ୍ ସଂଖ୍ୟା 39-49ର ତିଲାୱତ୍ (ଆବୃତ୍ତି) କଲେ ଏବଂ ଉକ୍ତ ଆୟତ୍‌ର ଅନୁବାଦ ଉପସ୍ଥାପିତ କଲେ । ଏତଦ୍‌ପରେ ସମ୍ମାନନୀୟ ନାସିର୍ ଅଲୀ ଉସ୍‌ମାନ୍ ସାହେବ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଅ.ସଙ୍କ କବିତାବଳୀ "**ଶାନେ ଇସ୍‌ଲାମ୍**"ରୁ ମନୋନୀତ କବିତା ଉପସ୍ଥାପିତ କଲେ । ଉକ୍ତ କବିତାର ପ୍ରଥମ ପଦ ଏହିପରି:

وہ پیشوا ہمارا جس سے ہے نُور سارا
نام اُس کا ہے محمد ﷺ دلبر مرا یہی ہے

ଠିକ୍ 4.20 ମିନିଟରେ ହୁଜୁର ଅନୱର୍ ଅ.ବ ମିମ୍ବର (ମଞ୍ଚ) ଉପରେ ମଞ୍ଚାସୀନ ହୋଇ '**ଅସ୍ ସଲାମୁ ଅଲୈକୁମ୍ ରହେମତୁଲ୍ଲାଃହିଁ ୱ ବରକାତୁହୁ**' ର ଉପହାର ପ୍ରଦାନ କରିବା ପରେ ଉଦ୍‌ଯାପନୀ ଉଦ୍‌ବୋଧନ ଆରମ୍ଭ କଲେ । ତଶହୁଦ୍, ତାଆୱୁଜ୍ ଓ ସୁରାହ୍ ଫାତିହାର ତିଲାୱତ୍ ପରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ଦାବି ରହିଛି ଯେ, ମୁଁ ହେଉଛି ସେହି ପ୍ରତିଶୃତ ମସିହ୍ ଏବଂ ଅଙ୍ଗୀକୃତ ମେହ୍‌ଦୀ ଯେଉଁ ମସିହ୍ ଓ ମେହଦୀଙ୍କ ଆଗମନ ସଂକ୍ରାନ୍ତରେ ଆଁହଜରତ ସ.ଅ ଭବିଷ୍ୟବାଣୀ ପ୍ରଦାନ କରିଥିଲେ । ବର୍ତ୍ତମାନ ଆକାଶରୁ ଅନ୍ୟ କୌଣସି ମସିହ୍ ଆସିବ ନାହିଁ କି କୌଣସି ମେହଦୀ ମଧ୍ୟ ଆସିବ ନାହିଁ । କାରଣ ଏହି ସମୟ ହେଉଛି ସେହି ସମୟ ଏବଂ ଉକ୍ତ ଯୁଗ ହେଉଛି ସେହି ଯୁଗ ଯେଉଁ ଯୁଗ ଏବଂ ସମୟରେ ଈଶ୍ୱର ମୋତେ ପ୍ରେରଣ କରିଛନ୍ତି । ସାଂପ୍ରତିକ ଯୁଗରେ ସେହି ସମସ୍ତ ପରିସ୍ଥିତି ପ୍ରକାଶିତ ହେଲା ଯେଉଁ ପରିସ୍ଥିତି ସଂକ୍ରାନ୍ତରେ ଆଁହଜରତ ସ.ଅ ସ୍ୱୟଂ ଚିହ୍ନିତ କରିଥିଲେ । ଯେଉଁ ଭବିଷ୍ୟବାଣୀଗୁଡ଼ିକ ମସିହ୍ ଅ.ସଙ୍କ ସପକ୍ଷରେ ପୂର୍ଣ୍ଣ ଏବଂ ଚରିତାର୍ଥ ହେଲା ସେହି ସମସ୍ତ ଭବିଷ୍ୟବାଣୀ ଆଁହଜରତ ସ.ଅ ହ. ମସିହ୍ ଅ.ସଙ୍କ ନିମନ୍ତେ ନିଦର୍ଶନ ସ୍ୱରୂପେ ଉପସ୍ଥାପିତ କରିଥିଲେ । ହ. ମସିହ୍ ମଉଦ୍ ଅ.ସ ଆସି ସଂସାରବାସୀଙ୍କୁ ଏହି ନିମନ୍ତ୍ରଣ ଦେଲେ ଏବଂ ବିଶେଷ କରି ମୁସଲମାନମାନଙ୍କୁ ଆପଣ ଅ.ସ ନିମନ୍ତ୍ରଣ କଲେ । ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ଦେଖ ଏବଂ ବିଚାର କର ଓ ବୁଝିବାକୁ ଚେଷ୍ଟା କର । ତହିଁରେ ହିଁ ସୌଭାଗ୍ୟ ନିହିତ ରହିଛି । ତହିଁରେ ହିଁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ଆଦେଶାବଳୀ ଆଜ୍ଞାବହତ୍ୱ ନିହିତ ରହିଛି। ଆପଣ ଅ.ସ ସ୍ପଷ୍ଟ ରୂପେ କହିଲେ, ଯେ, "ମୋ ଉପରେ ଏହି ଦୋଷାରୋପଣ କର ନାହିଁ ଯେ, ମୁଁ ନାଉଜୁ ବିଲ୍ଲାଃ ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ହାନୀ କଲି ଏବଂ ତାହାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କଲି । ମୋ ଉପରେ ଲାଗିଥିବା ଉକ୍ତ ଆରୋପ ବା ଲାଞ୍ଛନଟି ସଂପୂର୍ଣ୍ଣ ରୂପେ ମିଥ୍ୟାଧାରିତ । ମୁଁ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆପଣ ସ.ଅଙ୍କ ଧର୍ମର ପ୍ରଚାର କରିବା ନିମନ୍ତେ ଧରାବତୀର୍ଣ୍ଣ ହୋଇଅଛି । ମୋ ହୃଦୟରେ ଆପଣ ସ.ଅଙ୍କ ପ୍ରତି ଅନାବିଳ ପ୍ରେମ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଛି । ହ. ମସିହ୍ ମଉଦ୍ ଅ.ସ ନିଜର ଅସଂଖ୍ୟ ପୁସ୍ତକମାନଙ୍କରେ, ନିଜର ଲେଖନୀରେ, ନିଜର ଭାଷଣମାନଙ୍କରେ ନିଜର ସଭାମାନଙ୍କରେ ଏବଂ ନିଜର ବ୍ୟକ୍ତିଗତ ଜୀବନରେ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମର ଚର୍ଚ୍ଚା କରିଛନ୍ତି । ଆଁହଜରତ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମ ତଥା ଆନ୍ତରୀକତା ଏଭଳି ଏକ ଭାବ ପ୍ରକାଶ କରିଛନ୍ତି ଯେ, ସେହି ଭାବର ଦୃଷ୍ଟାନ୍ତ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଏହିପରି ପ୍ରେମ ଓ ଅନ୍ତରୀକତା ଅନ୍ୟତ୍ର ଦୁର୍ଲଭ ଅଟେ । ସୁତରାଂ ଆଜି ମୁଁ ଏଥି ସଂକ୍ରାନ୍ତରେ କେତେକ ଆଲେଖ୍ୟମାନ ଉପସ୍ଥାପିତ କରିବି। ତହିଁରୁ ହ. ମସିହ୍ ମଉଦ୍ ଅ.ସଙ୍କ ଆଁହଜରତ ସ.ଅଙ୍କ ପ୍ରତି ଥିବା ଅନାବିଳ ପ୍ରେମର ଝଲକ ଅତି ସହଜେ ପ୍ରକାଶିତ ହୋଇଯାଉଛି । ଅତଏବ୍ ଆପଣ ଅ.ସ ଉପରେ ଏବଂ ଆପଣ ଅ.ସଙ୍କ ଅନୁଗାମୀମାନଙ୍କ ଉପରେ ଏହି ଯେଉଁ ଆରୋପ ଏବଂ ଲାଞ୍ଛନ ପ୍ରୟୋଗ କରାଯାଉଛି ଯେ, ଆପଣ ଅ.ସ ଏବଂ ଆପଣ ଅ.ସଙ୍କ ସଂପ୍ରଦାୟର ଲୋକମାନେ ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି । ଅର୍ଥାତ୍ ଜମାଅତ୍ ଅହମଦିୟା ଆଁହଜରତ ଅବତାରତ୍ୱର ପ୍ରତ୍ୟାଖ୍ୟାନକାରୀ ଓ ଆପଣ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣକାରୀ ଜମାଅତ୍ ଅଟେ । ଏହା ସଂପୂର୍ଣ୍ଣ ରୂପେ ଘୃଣ୍ୟ, ଜଘନ୍ୟ (ଗର୍ହିତ ଓ କଦର୍ଯ୍ୟ) ଭୁଲ୍ ଆରୋପ ଅଟେ ।

ଏତଦ୍‌ପରେ ହୁଜୁର ଅନ୍‌ୱର୍ ଅ.ବ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବିଭିନ୍ନ କଥନ ଏବଂ ଆଲେଖ୍ୟ ଉପସ୍ଥାପିତ କଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ସର୍ବଦା ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖୁଛି ଯେ, ଏହି ଆରବ୍ୟ ବାର୍ତ୍ତାବହ ଯାହାର ନାମ ମୁହମ୍ମଦ୍ ସ.ଅ ଅଟେ (ଉକ୍ତ ବାର୍ତ୍ତାବହ ଉପରେ ସହସ୍ର ସହସ୍ର ଦୁରୁଦ୍ ଓ ଶାନ୍ତି ଅବତୀର୍ଣ୍ଣ ହେଉ) । ଉକ୍ତ ଅବତାର କି ମର୍ଯ୍ୟାଦାବନ୍ତ ଅବତାର୍ ଅଟନ୍ତି ? ଏହି ମହାବତାରଙ୍କ ମର୍ଯ୍ୟାଦା ଅସୀମ ଅଟେ । ତାହାଙ୍କ (ଆଁହଜରତ ସ.ଅଙ୍କ) ମର୍ଯ୍ୟାଦା ଜ୍ଞାତ ହୋଇ ପାରିବ ନାହିଁ ଏବଂ ତାଙ୍କ ଐଶୀ ପ୍ରଭାବର ଆକଳନ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ (ମନୁଷ୍ୟ ପକ୍ଷେ ଦୁରୂହ ବ୍ୟାପାର ଅଟେ) । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ, ଆଁହଜରତ ସ.ଅଙ୍କ ମର୍ଯ୍ୟାଦାକୁ ଚିହ୍ନିବାର ଯେପରି ଅଧିକାର ରହିଥିଲା ସେପରି ତାହାଙ୍କୁ ଚିହ୍ନାଗଲା ନାହିଁ । ଯେଉଁ ଏକେଶ୍ୱରବାଦ ଧରାପୃଷ୍ଠରୁ ହଜି ଯାଇଥିଲା ସେହି ପ୍ରତିଶୃତ ମସିହ୍ ହେଉଛନ୍ତି ସେହି ପହିଲ୍‌ମାନ (ମଲ୍ଲ, କୁସ୍ତି ଯୋଦ୍ଧା) ଯିଏ ସେହି ଏକେଶ୍ୱରବାଦକୁ ପୁନଃ ସଂସାରରେ ଫେରାଇ ଆଣିଥିଲେ । ସେ ଈଶ୍ୱରଙ୍କୁ ଅସୀମ ସ୍ତରୀୟ ପ୍ରେମ କଲେ ଏବଂ ମାନବ ଜାତିଙ୍କ ପ୍ରତି ସହାନୁଭୂତିରେ ମଧ୍ୟ ନିଜର ପ୍ରାଣ ତ୍ୟାଗ କରିଦେଲେ । ତେଣୁ ଈଶ୍ୱର ଯେକି ସେହି ମହାବତାର ହ. ମୁହମ୍ମଦ୍ ସ.ଅଙ୍କ ରହସ୍ୟ ପ୍ରତି (ସହିତ) ଅବଗତ ଥିଲେ ସେହି ମହାବତାର ହ. ମୁହମ୍ମଦ ସ.ଅଙ୍କୁ ସମସ୍ତ ଅବତାର, ଏବଂ ସମସ୍ତ ପୂର୍ବାପର ସାଧୁ ସନ୍ଥଙ୍କ ବିପରୀତ ମର୍ଯ୍ୟାଦା ଓ ମାହାତ୍ମ୍ୟ ପ୍ରଦାନ କଲେ । ଈଶ୍ୱର ସେହି ମର୍ଯ୍ୟାଦା, ସେହି ମାହାତ୍ମ୍ୟ ହ. ମୁହମ୍ମଦ୍ ସ.ଅଙ୍କୁ ପ୍ରଦାନ କଲେ । ସେହି ମହାବତାର (ହ. ମୁହମ୍ମଦ୍ ସ.ଅ) ହିଁ ପ୍ରତ୍ୟେକ ପ୍ରକାରର ଲାଭ, ଯଶ ତଥା କଲ୍ୟାଣର ଉଦ୍‌ଗମ ସ୍ଥଳ ଅଟନ୍ତି । ତେଣୁ ଯେଉଁ ବ୍ୟକ୍ତି ତାହାଙ୍କ ଅର୍ଥାତ୍ ହ. ମୁହମ୍ମଦ୍ ସ.ଅଙ୍କ ଯଶ (କଲ୍ୟାଣ ଓ ଲାଭ) ବ୍ୟତୀରେକ ଅନ୍ୟ କୌଣସି ଶ୍ରେଷ୍ଠତା ଓ ମାହାତ୍ମ୍ୟତାର ଦାବି କରେ ତେବେ ସେହି ବ୍ୟକ୍ତି ମନୁଷ୍ୟ ନୁହେଁ ବରଂ ପିଶାଚ (ସୈତାନ୍)ର ସନ୍ତାନ ଅଟେ । କାରଣ ପ୍ରତ୍ୟେକ ପ୍ରକାରର ଶ୍ରେଷ୍ଠତାର କୁଞ୍ଜିକା ତାହାଙ୍କୁ (ହ. ମୁହମ୍ମଦ ସ.ଅଙ୍କୁ) ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରକାରର ଅଧ୍ୟାତ୍ମ ପରିଚୟର ନିଧି ତାଙ୍କୁ ପ୍ରଦାନ କରାଯାଇଛି । ଯେଉଁ ବ୍ୟକ୍ତି ସେହି ମହାବତାରଙ୍କ ମାଧ୍ୟମରେ ଈଶ୍ୱରଙ୍କ କୃପା ନିଧିକୁ ପ୍ରାପ୍ତ କରେ ନାହିଁ ସେହି ବ୍ୟକ୍ତି ଅନାଦି କାଳରୁ ହିଁ ଈଶ୍ୱରଙ୍କ କୃପା ନିଧିରୁ ବଞ୍ଚିତ ଅଟେ । ଆମେମାନେ କ'ଣ ଅଟୁ କି ଓ ଆମମାନଙ୍କର ବାସ୍ତବତା କ'ଣ? ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିଦେଇ ନାହୁଁ ଯେ, ପ୍ରକୃତ ଏକେଶ୍ୱରବାଦ ଆମେମାନେ ସେହି ମହାବତାରଙ୍କ ମାଧ୍ୟମରେ ପ୍ରାପ୍ତ କରିଛୁ ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନକାରୀ ହେବୁ । ସେହିପରି ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ଦେଇ ନାହୁଁ ଯେ, ଚିରଞ୍ଜିବ ଈଶ୍ୱରଙ୍କୁ ଚିହ୍ନିବା ଆମେମାନେ ସେହି ସଂପୂର୍ଣ୍ଣ ଅବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ, ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନକାରୀ ହେବୁ। ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ଦେଇ ନାହୁଁ ଯେ, ଚିରଞ୍ଜିବ ଈଶ୍ୱରଙ୍କୁ ଚିହ୍ନିବାର ଉପାୟ ଆମେମାନେ ସେହି ମହାବତାରଙ୍କ ଐଶୀ ଆଲୋକ ମାଧ୍ୟମରେ ହିଁ ଚିହ୍ନିଛୁ । ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ ତଥା କଥୋପକଥନର ସୌଭାଗ୍ୟ ଏବଂ ଈଶ୍ୱରଙ୍କ ଅପୂର୍ବ ମୁଖର ସୌନ୍ଦର୍ଯ୍ୟକୁ ଅବଲୋକନ କରିବାର ସାମର୍ଥ୍ୟ ମଧ୍ୟ ଆମେମାନେ ସେହି ମହାବତାର ସ.ଅଙ୍କ ମାଧ୍ୟମରେ ପ୍ରାପ୍ତ କରିଛୁ। ସେହି ମହାବତାର ସ.ଅଙ୍କ ମାଧ୍ୟମରେ ହିଁ ଈଶ୍ୱର ଆମମାନଙ୍କ ନିମନ୍ତେ ଉପଲବ୍ଧ ହେଲେ । ସେହି ମାର୍ଗଦର୍ଶୀ ସୂର୍ଯ୍ୟ ରଶ୍ମୀ ସୂର୍ଯ୍ୟାଲୋକ ପରି ଆମମାନଙ୍କ ଉପରେ ପଡ଼ିଥାଏ । ଯେପର୍ଯ୍ୟନ୍ତ ସେହି ମାର୍ଗଦର୍ଶୀ ମହାବତାରଙ୍କ ସହିତ ଛିଡ଼ା ହୋଇ ରହିଛି ସେପର୍ଯ୍ୟନ୍ତ ଆମେମାନେ ସେହି ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହୋଇ ପାରିବା।"

**(ଅବଶିଷ୍ଟାଂଶ.........ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan